ଫସଲହାନି ଓ ଋଣଗ୍ରସ୍ତ ଚାଷୀଙ୍କର
କରୁଣ କଥା ଉପରେ ଆଧାରିତ
କବି ନାରାୟଣ ମୁଦୁଲିଙ୍କ କବିତା

ଚାଷୀ ଆତ୍ମହତ୍ୟା

- କବି ନାରାୟଣ ମୁଦୁଲି

Digitized by srujanika@gmail.com

ଓଡ଼ିଶା ରାଜ୍ୟ ରାଜଭାଷା ବିକାଶ ପରିଷଦ

ओडिशा राज्य राजभाषा विकास परिषद

Odisha State Official Language Development Council

"ଆମ ମାଟି-ମାଆର ଭାଷା ହେଉଛି ଓଡ଼ିଆ;
ଏକ ସମୃଦ୍ଧ ଓ ସମର୍ଥ ଭାଷା ହେଉଛି ଓଡ଼ିଆ;
ଏକ ସହଜ, ସରଳ ଓ ମଧୁର ଭାଷା ହେଉଛି ଓଡ଼ିଆ;
ଏ ଜାତିର ଗର୍ବ, ଗୌରବ ଓ ମର୍ଯ୍ୟାଦାର ଭାଷା ହେଉଛି ଓଡ଼ିଆ;
ଆମ ସ୍ୱାଭିମାନ, ସମ୍ମାନ, ଆତ୍ମା ଓ ହୃଦୟର ଭାଷା ହେଉଛି ଓଡ଼ିଆ;

ଆସନ୍ତୁ ନା !
ଏହାର ପ୍ରୟୋଗ ସବୁ କ୍ଷେତ୍ରରେ
ଆମେ ସମସ୍ତେ ମିଳିମିଶି କରିବା ।"

(ନାରାୟଣ ମୁଦୁଲି/N.Muduli)
ଅଧ୍ୟକ୍ଷ / Chairman
ଓଡ଼ିଶା ରାଜ୍ୟ ରାଜଭାଷା ବିକାଶ ପରିଷଦ
Odisha State Official Language Development Council

ଇଂରାଜୀର ଅନାଦର ନୁହେଁ, ଓଡ଼ିଆର ହତାଦର ଆମ ପାଇଁ ଅସହ୍ୟ ।

ଆମେ ଚାହୁଁ -

୧. ଓଡ଼ିଶା ସରକାରଙ୍କର ସମସ୍ତ ସେବା ରାଜଭାଷା ଓଡ଼ିଆରେ ଦିଆଯାଉ ।
୨. ସମସ୍ତ ଅଧିକାରୀ/କର୍ମଚାରୀମାନେ ସରକାରୀ ଚିଠିପତ୍ରରେ ରାଜଭାଷା ଓଡ଼ିଆରେ ହସ୍ତାକ୍ଷର କରନ୍ତୁ ।
୩. ଆବଶ୍ୟକ ସ୍ଥଳେ ଇଂରାଜୀ କିମ୍ବା ହିନ୍ଦୀର ବ୍ୟବହାର କରାଯାଉ ।
୪. ସମସ୍ତ ମୋହର, ନାମଫଳକ, ସାଇନବୋର୍ଡ ଏବଂ ପ୍ରିଣ୍ଟିଙ୍ଗପ୍ୟାଡ ଆଦି ଦ୍ୱିଭାଷୀ (ଓଡ଼ିଆ - ଇଂରାଜୀ) ରେ ହେଉ ।
୫. ସମସ୍ତ ଗାଡ଼ିର ନମ୍ବର ପ୍ଲେଟ ଓଡ଼ିଆରେ ଲେଖାଯିବାର ନୀୟମ କରାଯାଉ ।
୬. ଅନାବଶ୍ୟକ ସ୍ଥଳେ କର୍ମଚାରୀ / ଅଧିକାରୀମାନେ ଇଂରାଜୀର ପ୍ରୟୋଗ କଲେ ବ୍ୟବହାରକାରୀଙ୍କୁ ଦଣ୍ଡିତ କରାଯାଉ ।
୭. ସମସ୍ତ କମ୍ପୁଟରରେ ଓଡ଼ିଆ ସଫ୍ଟୱେର ସୁବ୍ୟବସ୍ଥା ସରକାର ତୁରନ୍ତ କରନ୍ତୁ ।
୮. ରାଜଭାଷା ଓଡ଼ିଆକୁ ଯଥା ମର୍ଯ୍ୟାଦା ଦିଆଯାଉ ।
୯. ରାଜଭାଷା ଓଡ଼ିଆରେ କାର୍ଯ୍ୟକରୁଥିବା କର୍ମଚାରୀ / ଅଧିକାରୀମାନଙ୍କୁ ପ୍ରୋତ୍ସାହନ ଦେବା ସହିତ ପଦୋନ୍ନତିର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ ।
୧୦. ଆବଶ୍ୟକ ସ୍ଥଳେ ରାଷ୍ଟ୍ରଭାଷା ହିନ୍ଦୀ କିମ୍ବା ବିଦେଶୀଭାଷା ଇଂରାଜୀର ପ୍ରୟୋଗ ଓଡ଼ିଆ ବଦଳରେ କରାଯାଉ ।

ରାଜଭାଷା ଓଡ଼ିଆ ପ୍ରତି, ଅବହେଳା ପ୍ରଦର୍ଶନ କରୁଥିବା ବ୍ୟକ୍ତି ସମଗ୍ର ରାଜ୍ୟ ପାଇଁ କଳଙ୍କ

Digitized by srujanika@gmail.com

ଫସଲହାନି ଓ ଋଣଗ୍ରସ୍ତ ଚାଷୀଙ୍କର
କରୁଣ କଥା ଉପରେ ଆଧାରିତ
କବି ନାରାୟଣ ମୁଦୁଲିଙ୍କ କବିତା

ଚାଷୀ ଆତ୍ମହତ୍ୟା

- କବି ନାରାୟଣ ମୁଦୁଲି

Digitized by srujanika@gmail.com

ଚାଷୀ ଆତ୍ମହତ୍ୟା

କବି :
ନାରାୟଣ ମୁଦୁଲି

ପ୍ରକାଶକ :
ଶ୍ରୀମତୀ ସୁଜାତା ମୁଦୁଲି
'ଜନ୍ମଭୂମି'
କୋଠପଦା, କୁହୁଣ୍ଡା
କୁଆଁପାଳ, କଟକ-୭୫୪୨୦୪
ଦୂରଭାଷ : (୦୬୭୧) ୨୭୬୯୪୦୬

ପ୍ରଥମ ପ୍ରକାଶ : ୨୦୦୯

ଅକ୍ଷରସଜ୍ଜା :
ଆଦିତ୍ୟ, ଭୁବନେଶ୍ୱର
ସୁଭାସ : ୯୮୫୩୪୩୬୭୦୫

ମୁଦ୍ରଣ :
ସ୍କାଏନେଟ୍
ସହିଦ୍ ନଗର, ଭୁବନେଶ୍ୱର

ମୂଲ୍ୟ : ଟ. ୧୫.୦୦ (ପନ୍ଦର ଟଙ୍କା ମାତ୍ର)

CHASEE ATMAHATYA

By :
Narayan Muduli

Publisher :
Srimati Sujata Muduli
'Janmabhumi'
Kothapada, Kuhunda
Kuanpal, Cuttack - 754 204
Phone : (0671) 2769406

1st Edition : **2009**

Layout Setting by :
Aditya, Bhubaneswar
Mob : 9853436705

Printed at :
Skynet, Sahidnagar
Bhubaneswar

Price : **Rs.15.00** only

Digitized by srujanika@gmail.com

ଉତ୍ସର୍ଗ

ଏ ପୁସ୍ତକଟିକୁ

କରିତ୍କର୍ମା

ଓଡ଼ିଶାର

ମାନ୍ୟବର ମୁଖ୍ୟମନ୍ତ୍ରୀ

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ

ଯିଏ

ଚାଷୀମାନଙ୍କର

ଉନ୍ନତି କଳ୍ପେ

ସ୍ଥାୟୀ ପ୍ରତିକାର କରିବାର

ସ୍ୱତନ୍ତ୍ର ସାମର୍ଥ୍ୟ ରଖିଛନ୍ତି

ତାଙ୍କୁ ହିଁ

ସମର୍ପି ଦେଉଛି ।

- ନାରାୟଣ

Digitized by srujanika@gmail.com

ସୂଚୀପତ୍ର

କଥା ବ୍ୟଥା ସତ୍ୟ ମିଥ୍ୟା

ଆତ୍ମହତ୍ୟା କଲ କାହିଁ ବନ୍ଧୁ	୧
ଧନୁ ଚାମିଆ	୭
ଉଗ୍ରସେନ ମହାନନ୍ଦିଆ	୧୦
ଅଙ୍ଗଦ ବାରିକ	୧୨
ଗୌରହରି ପାତ୍ର	୧୪
ପାଣ୍ଡବ ଭୋଇ	୧୬
କୁଶଧ୍ୱଜ ମାଝି	୧୮
କାର୍ତ୍ତିକ ମହାକୁର	୨୦
ମହର୍ଷିଏ ନାରଙ୍ଗ	୨୨
ବିଦ୍ୟାଧର ବାଗ୍	୨୪
ବାଞ୍ଛାନିଧି ପ୍ରଧାନ	୨୬
କୈଳାସ ପଣ୍ଡା	୨୮
ଗୁବୁରି ପ୍ରଧାନ	୩୦
ବଳଦେବ ବାରିକ	୩୨
ଆଉ ଯେତେ ରହିଗଲ ଚାଷୀ	୩୪
ବିଧାୟକମାନେ କହନ୍ତୁ ଶୁଣ	୩୬

Digitized by srujanika@gmail.com

କଥା ବ୍ୟଥା
ସତ୍ୟ ମିଥ୍ୟା

ଆତ୍ମହତ୍ୟା ... !

ଏକ ସମ୍ବେଦନଶୀଳ ଶବ୍ଦ, ଯାହାର ଅର୍ଥ ଅତି ସ୍ୱର୍ଣ୍ଣକାତରତା । କେଜାଣି କାହିଁକି ମନୁଷ୍ୟ ଏହାକୁ ଅତିସହଜରେ ଆପଣେଇ ନିଏ ? ତାହା ମୁଁ ଜାଣେନା, ତଥାପି ସାମର୍ଥ୍ୟ ଅସାମର୍ଥ୍ୟର ଦ୍ୱନ୍ଦ ଭିତରୁ ଯଦିଓ ମାନସିକତାର ପରିବର୍ତ୍ତନ ହୁଏ, ତଥାପି ଏପରି କ୍ରୁର ପଦକ୍ଷେପକୁ ହଠାତ ଗ୍ରହଣ କରି ମାନବ ସଂସାଧନର ବିନାଶ କରିବା ମନୁଷ୍ୟ ପକ୍ଷରେ ସମୀଚିନ ନୁହେଁ । ଅସମର୍ଥତାକୁ ପ୍ରକାଶ କରିବାର ଅନେକ ଶୈଳୀ ମଧ୍ୟରୁ ଏହା କଠିନ ନହେଲେ, ମଧ୍ୟ ସହଜ କହିବା ଅସମ୍ଭବ । ଜୀବନ କାଳ ମଧ୍ୟରେ ଏମିତି ଏକ ସମୟ ଆସେ, ଯାହାକୁ ସମ୍ମୁଖୀନ ହେବା ସମସ୍ତଙ୍କ ପକ୍ଷେ ସମାନ ନୁହେଁ । ଜାଣିଶୁଣି, ବୁଝିଶୁଝି ମନୁଷ୍ୟ ଭୁଲ କରେ, ବା କଠୋର ପଦକ୍ଷେପ ଗ୍ରହଣ କରିବାକୁ ପଶ୍ଚାତାପ କରେ ନାହିଁ । କଠୋରତା ବିକାଶର ସଫଳ ରୂପାୟନ ନୁହେଁ ।

ଆତ୍ମହତ୍ୟାର ନାମ ଶୁଣିଲେ, ମଣିଷ ବିଚଳିତ ହୋଇଯାଏ । ମନରେ ଏକ ଅଦ୍‌ଭୁତ ଭାବନା ଜାତ ହୁଏ । ଜୀବନର ମୂଲ୍ୟାଙ୍କନ କରିବାକୁ ସୁଯୋଗ ପାଏ । ହେଲେ ଏଥିରେ ଜୀବନର ଧାରା କ'ଣ ବଦଳିଯାଏ ? ନାଁ, ବଦଳିବା ପରିବର୍ତ୍ତେ, ବିଗିଡ଼ିଯାଏ । ବୁଢ଼ିଆଣୀ ଜାଲପରି ଅସନ୍ତୋଷର ଦାବାନଳ ମନ ଭିତରେ ଜଳେ; ଯେଉଁଥିରୁ ଲାର୍ଭା ନିର୍ଗତ ହୁଏ । ଆଗ୍ନେୟଗିରି ରୂପ ନେବା ପୂର୍ବରୁ ଭୂପୃଷ୍ଠରେ ମିଶି ମାଟି ହେବାକୁ ଚେଷ୍ଟା କରେ ସତ୍ୟ, ହେଲେ ମାଟି ତାକୁ ଗ୍ରହଣ କରେ ନାହିଁ । ଅଲୋଡ଼ା, ଅପଦାର୍ଥ ଭାବରେ ପାଦର ଠୋକର ଖାଇବା ଭୟରେ କେଉଁ ଏକ ନିଭୃତ ସ୍ଥାନରେ ପଡ଼ି ରହିବାକୁ ଉଚିତ ମନେକରେ । ତେଣୁ ଆତ୍ମହତ୍ୟାର ପରିଣାମକୁ

Digitized by srujanika@gmail.com

ବିଶ୍ଳେଷଣ କରିବାର ଅର୍ଥ ହେଉଛି - ଦୁର୍ବଳତା । ଦୁର୍ବଳ ମସ୍ତିଷ୍କର ପ୍ରଳାପ ହିଁ ପାଗଳାମୀ ଏବଂ ପାଗଳାମୀର କଠୋର ପଦକ୍ଷେପ ହିଁ ଆତ୍ମହତ୍ୟା ।

ଆତ୍ମହତ୍ୟାର ବିଚାର କରିବା ସହଜ, କିନ୍ତୁ ଆତ୍ମହତ୍ୟା କରିବା ସହଜ ନୁହେଁ । ଆତ୍ମହତ୍ୟା କିମ୍ୱା ସ୍ୱଇଚ୍ଛାରେ ମରିବା ପାଇଁ ପ୍ରସ୍ତୁତ ହେବା ହେଉଛି, ଭଗବାନଙ୍କର ଅବଜ୍ଞା । ସୁଖ-ଦୁଃଖ ହେଉଛି ପ୍ରଭୁଙ୍କର ମଣିଷ ପାଇଁ ଦାନ, ମଣିଷ ତାକୁ ଉପଭୋଗ କରେ, ସେହିପରି ପ୍ରାଣ ହେଉଛି ତାର ଧରୋହର । ତାକୁ ଜାଣିଶୁଣି ନଷ୍ଟ କରିବା ହେଉଛି ମନୁଷ୍ୟର ଅପରାଧ । ପୁରୁଣା ଆଘାତ ଗୁଡ଼ିକୁ ସ୍ମରଣ କରିବା ହେଉଛି ମାନସିକ ଅନ୍ଧକାର ଏବଂ ଆଘାତକାରୀମାନଙ୍କୁ ପ୍ରତିଶୋଧ ନେବାର ବିଚାର କରିବା ହେଉଛି ମାନସିକ ଆତ୍ମହତ୍ୟା । ମାନସିକ ଆତ୍ମହତ୍ୟା ହିଁ ଶରୀରକୁ ହତ୍ୟାକରେ । ଅତଏବ ମାନସିକ ଯନ୍ତ୍ରଣାକୁ ନିୟନ୍ତ୍ରଣରେ ରଖିଲେ ଆତ୍ମହତ୍ୟାକୁ ଦୂର କରାଯାଇପାରିବ ।

ସ୍ୱତଃପ୍ରଶ୍ନ ଉଠେ; ମନୁଷ୍ୟ ଆତ୍ମହତ୍ୟା କରେ କାହିଁକି ? ଆତ୍ମହତ୍ୟାର କାରଣ କ'ଣ ? ପୁରୁଷ ହେଉ ଅବା ନାରୀ ଆତ୍ମହତ୍ୟା କରନ୍ତି କାହିଁକି ? ନାରୀକୁ କୌଣସି ଉପାୟ ନମିଳିଲେ, ସେ ବେଶ୍ୟା ହୋଇଯାଏ; କିନ୍ତୁ ପୁରୁଷ ଆତ୍ମହତ୍ୟା କରେ । ଅତ୍ୟଧିକ ଲଜ୍ୟା, ଅପମାନ, ଅନାଦର ଏବଂ ଘୃଣା, ନିର୍ଯ୍ୟାତନାକୁ ସହ୍ୟ ନକରିପାରି ବହୁ ନାରୀ ଅନିଚ୍ଛା ସତ୍ତ୍ୱେ ମଧ ଆତ୍ମହତ୍ୟା କରିବାକୁ ବାଧ ହୁଅନ୍ତି । କିନ୍ତୁ ପୁରୁଷ ପକ୍ଷେ ତାହାର ଟିକେ ବ୍ୟତିକ୍ରମ ଦେଖାଯାଏ । ପୁରୁଷକୁ ଅର୍ଥଚିନ୍ତା ଅଧିକ ଥାଏ । କଥା ଦେଇ କଥା ନରଖି ପାରିଲେ; ପରିବାର ଚଳାଇବାକୁ ଅସମର୍ଥ ହେଲେ କିମ୍ୱା ସ୍ୱାଭିମାନ ଏବଂ ପ୍ରତିଷ୍ଠା ଉପରେ ଆଞ୍ଚ ଆସିଲେ ମଣିଷ ଆତ୍ମହତ୍ୟା କରିବାକୁ ବାଧ ହୁଏ । ଅତଏବ ଅତ୍ୟଧିକ ମାନସିକ ଚାପ ହିଁ ଆତ୍ମହତ୍ୟାର ମୁଖ୍ୟ କାରଣ ।

ପୁନଃ ପଶ୍ନ ଉଠେ - ହତ୍ୟା ଓ ଆତ୍ମହତ୍ୟା ମଧରେ ପ୍ରଭେଦ କ'ଣ ? ସହଜ ଉପାୟରେ ବୁଝିବାକୁ ଗଲେ, ଜଣେ କୌଣସି କାରଣରୁ ଅନ୍ୟଜଣକୁ ମାରିଲେ, ତାହା ହତ୍ୟା ଏବଂ ଜଣେ ନିଜକୁ ନିଜେ ସ୍ୱଇଚ୍ଛାରେ ମୃତ୍ୟୁବରଣ କଲେ ତାହା ଆତ୍ମହତ୍ୟା । ହତ୍ୟା ବା ଗଣହତ୍ୟା ଉଦ୍ଦେଶ୍ୟ ପ୍ରଣୋଦିତ । କିନ୍ତୁ ଆତ୍ମହତ୍ୟା ବ୍ୟକ୍ତିର ଏକ ସ୍ୱଚାଳିତ କଠୋର ପଦକ୍ଷେପ । ଆତ୍ମହତ୍ୟା ହତ୍ୟାଠାରୁ ଶତଗୁଣେ ଭୟଙ୍କର ।

Digitized by srujanika@gmail.com

ପାପ ନୁହେଁ, ମହାପାପ । ତଥାପି ଏପରି ଘୃଣ୍ୟ ମହାପାପକୁ ଲୋକେ ସହଜରେ ଆପଣାନ୍ତି କାହିଁକି ? ଏହାର ଉତ୍ତର ବି ନିରୁତ୍ତର ନୁହେଁ, ସମୟସାପେକ୍ଷ, ଅବର୍ଣ୍ଣନୀୟ ।

ବିଭିନ୍ନ କାରଣରୁ ମଣିଷ ଆତ୍ମହତ୍ୟା କରେ, କରୁଥିଲା ଏବଂ କରିବ ମଧ୍ୟ; ତଥାପି ନକରିବାର କାରଣ ବାହାର କରିବା ପ୍ରତ୍ୟେକ ବୁଦ୍ଧିଜୀବୀ, ଗୁଣୀ, ଜ୍ଞାନୀ ଓ ବିଶେଷଜ୍ଞମାନଙ୍କର ଧ୍ୟେୟ ହେବା ଅତି ଆବଶ୍ୟକ । ବ୍ୟତିକ୍ରମରେ କ୍ରମକୁ ଉଣ୍ଡାଳି ଉଣ୍ଡାଳି ଥକି ପଡ଼ିଲେ; ଯଦି ମଣିଷ ଆତ୍ମହତ୍ୟାର ପଥ ବାଛିନିଏ, ତେବେ ମଣିଷ କ୍ରମରେ ରହିବ ନାହିଁ କାହିଁକି ? ଧରା-ଧାରା ଓ କ୍ରମରେ ରହିଲେ, ଆବଶ୍ୟକତାରୁ ଅଧିକ ଆଶା ନକଲେ, ଅଳ୍ପରେ ସନ୍ତୁଷ୍ଟ ରହିଲେ, ଇଚ୍ଛାଶକ୍ତି ନିୟନ୍ତ୍ରଣ କଲେ, ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କଲେ, ଆଧ୍ୟାତ୍ମିକ ଜ୍ଞାନ ଚର୍ଚ୍ଚାରେ ସମୟ ଦେଲେ ବିରକ୍ତିଭାବକୁ ତ୍ୟାଗ କରି ଶାନ୍ତ ମନରେ କାର୍ଯ୍ୟ ପରିବେଶଣ କଲେ, ମନୁଷ୍ୟ ଆତ୍ମହତ୍ୟାରୁ ନିଜକୁ ସୁରକ୍ଷା ଦେଇପାରେ ।

ସାମ୍ପ୍ରତିକ ପରିସ୍ଥିତିରେ କୃଷକମାନେ ଗୋଟିଏ ପରେ ଗୋଟିଏ ପ୍ରାୟ ପ୍ରତିଦିନ ଆତ୍ମହତ୍ୟା କରିଚାଲିଛନ୍ତି । ଆତ୍ମହତ୍ୟାର ଅନେକ କାରଣମାନଙ୍କ ମଧ୍ୟରୁ ସମ୍ବାଦପତ୍ରମାନେ ଯାହା କୁହନ୍ତି; ତାହା ସମ୍ପୂର୍ଣ୍ଣ ସତ୍ୟ ନହେଲେ ମଧ୍ୟ ଅନେକାଂଶରେ ଏହା ସତ୍ୟ । ସେମାନେ କୁହନ୍ତି ଚାଷୀମାନେ ସରକାରଙ୍କଠାରୁ ହେଉ କିମ୍ବା ମହାଜନ ଅଥବା ହାତ କାଢ଼ିଆ କରଜ ଆଣି କୃଷି କାର୍ଯ୍ୟରେ ଲଗାନ୍ତି, କିନ୍ତୁ ବନ୍ୟା, ମରୁଡ଼ି, ରୋଗ ପୋକଙ୍କର ପ୍ରାଦୁର୍ଭାବରୁ ଅଚାନକ ଫସଲ ନଷ୍ଟ ହୋଇ ଯାଉଥିବାରୁ, ସେହି ଚିନ୍ତାରେ କିଛି ଉପାୟ ନପାଇ ଚାଷୀମାନେ ଆତ୍ମହତ୍ୟା କରିଚାଲିଛନ୍ତି । ସରକାରୀକଳ ନିଜର ଅକ୍ଷମତା ପ୍ରକାଶ ନକରି ଏହାକୁ ଚାଷୀ ଆତ୍ମହତ୍ୟା ଭାବରେ ଗ୍ରହଣ କରିବାକୁ ପ୍ରସ୍ତୁତ ନହେଲେ; ମଧ୍ୟ ସତ୍ୟକୁ ଲୁଚାଇବାର ସକ୍ଷମତା ପ୍ରକାଶ କରିପାରୁ ନାହାନ୍ତି । ଆରୋପ ଓ ପ୍ରତ୍ୟାରୋପରୁ ଦୂରରେ ରହି ଚାଷୀ ଆତ୍ମହତ୍ୟା ରହସ୍ୟକୁ ବିଚାର କଲେ, ସମ୍ବାଦପତ୍ରମାନେ ଯାହା କହୁଛନ୍ତି; ତାହା ହିଁ ସତ୍ୟ । ଗ୍ରାମାଞ୍ଚଳରେ ପ୍ରକୃତ ଚାଷୀମାନଙ୍କର ମାନସିକତାକୁ ଦେଖିଲେ; ଦୁଃଖ ଦୁର୍ଦ୍ଦଶାକୁ ଅନୁଭବ କଲେ, ଆତ୍ମହତ୍ୟାର ପ୍ରକୃତ ରହସ୍ୟର ଉଦ୍‌ଘାଟନ ହେବ । ତେବେ କଥା ହେଉଛି ଯେ - ଏମିତି କ'ଣ ପ୍ରତିଦିନ ଚାଷୀମାନେ ଆତ୍ମହତ୍ୟା କରିଚାଲିଥିବେ ? ଏହାର ପରିସମାପ୍ତି କ'ଣ ହେବନାହିଁ ?

Digitized by srujanika@gmail.com

ପ୍ରଶ୍ନ ଉଠେ; କୃଷକମାନଙ୍କର ସାଧାରଣ ମୌଳିକ ସମସ୍ୟାଗୁଡ଼ିକ କ'ଣ ? କୃଷିପାଇଁ ନ୍ୟୁନତମ ଆବଶ୍ୟକୀୟ ସାମଗ୍ରୀ ହିଁ ତା'ର ମୌଳିକ ସମସ୍ୟା । ଯଥା -

- ଜମି ଓ ଜଳସେଚନ
- ଉତ୍ତମ ବିହନ ଏବଂ କୃଷି ଉପକରଣ
- ଆବଶ୍ୟକୀୟ ଅର୍ଥ
- କୃଷି କର୍ମଚାରୀ/ମଜୁରିଆ
- କୃଷିଜାତ ଦ୍ରବ୍ୟର ବିକ୍ରୟ ବ୍ୟବସ୍ଥା
- କୃଷିଜାତ ଦ୍ରବ୍ୟର ସଂରକ୍ଷଣର ବ୍ୟବସ୍ଥା
- ଉତ୍ପାଦନ କୃଷି ସାମଗ୍ରୀର ଉଚିତ ମୂଲ୍ୟ ନିର୍ଦ୍ଧାରଣ
- କ୍ଷୟକ୍ଷତିର ଭରଣା

କୃଷକ ତାର ବୁଦ୍ଧିବଳରେ ଯେନତେନ ପ୍ରକାରଣେ ଉକ୍ତ ଆବଶ୍ୟକତା ପୂରଣ କରି ଜମିରେ ପିଲାଛୁଆଙ୍କୁ ନେଇ ଅକ୍ଳାନ୍ତ ପରିଶ୍ରମ କରି, ଲାଭ ତ ଦୂରର କଥା ମୂଳଜମା ଉଠାଇବାକୁ ଯଦି ଅକ୍ଷମ ହେବ, ତେବେ ତାର ମାନସିକତାକୁ ସେ କିଭଳି ନିୟନ୍ତ୍ରଣ କରିପାରିବ ? ବାରମ୍ବାର ଏପରି ଘଟିଲେ, ସେ ଆତ୍ମହତ୍ୟା ବଦଳରେ ଆଉ କ'ଣ କରିପାରିବ । ସିଏ କାହାକୁ କହିବ ? କିଏ ତାର ଦୁଃଖ ବୁଝିବ ? ଯେହେତୁ ଏ ଗଣତନ୍ତ୍ରର ଦେଶ ସାଧାରଣ ନାଗରିକ ହିସାବରେ, ରାଷ୍ଟ୍ରପାଇଁ କର୍ତ୍ତବ୍ୟ କରି ତା'ର ଅଧିକାର ସାବ୍ୟସ୍ତ କରିବାକୁ ନିଶ୍ଚିତ ଚାହିଁବ । ସେ ଏ କ୍ଷୟକ୍ଷତିର ଭରଣା ପାଇଁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କୁ ଭରସା କରିବା ପାଇଁ ଦାବି କରିବା ସ୍ୱାଭାବିକ । ସରକାର ଯଦି ତାର କଥା ନଶୁଣେ, ତେବେ ଆତ୍ମହତ୍ୟା କରିବାର ପନ୍ଥା ହିଁ ତା' ପାଇଁ ଶ୍ରେୟସ୍କର ।

ଚାଷୀ ଆତ୍ମହତ୍ୟା ମଧ୍ୟ ସରକାରଙ୍କ ପାଇଁ ଏକ କଠିନ ସମସ୍ୟା । ଏ ସମସ୍ୟାର ସମାଧାନ ପାଇଁ ସରକାର ତତ୍ପର ଏବଂ କୃଷି ଓ କୃଷକର ବିକାଶ ପାଇଁ ବହୁ ସଫଳ କାର୍ଯ୍ୟକ୍ରମକୁ ରୂପାୟନ କରୁଛନ୍ତି । ଆଜିର ଚାଷୀ କାଲି ଭଳି ନାହାଁନ୍ତି । ନିଶ୍ଚିନ୍ତ ଭାବରେ ବିକାଶଶୀଳ । କିନ୍ତୁ ସରକାର ଯେଉଁ ବ୍ୟବସ୍ଥାମାନ ହାତକୁ ନେଇଛନ୍ତି, ତାହା ସ୍ଥାୟୀ ବ୍ୟବସ୍ଥା ନୁହେଁ । କାମ ଚଳା ବ୍ୟବସ୍ଥା । ସରକାରଙ୍କୁ ସୁହାଇଲାଭଳି ବା ଚାଷୀ ସମସ୍ୟାର ସମାଧାନ ପାଇଁ କିମ୍ବା ସରକାରଙ୍କୁ ବଞ୍ଚାଇବା ପାଇଁ ଯେଉଁ ତରବରିଆ ପଦକ୍ଷେପ ନିଅନ୍ତି ତାହା କେତେକାଂଶରେ ଚାଷୀମାନଙ୍କୁ ହତାସ କରିଥାଏ । ଯଥା ଋଣଛାଡ । ୧୦୦ ଭାଗ କୃଷକମାନଙ୍କ ମଧ୍ୟରୁ ପ୍ରାୟ ୫୦ ଭାଗ

Digitized by srujanika@gmail.com

କୃଷିଋଣ ପାଇଥାନ୍ତି । ସେମାନଙ୍କ ମଧ୍ୟରୁ ୩୦ ଭାଗ ଚାଷୀ ନିୟମିତ ଭାବରେ ଋଣ ପରିଶୋଧକରି ପୁନଃ ଋଣ ଆଣି ଚାଷ କରନ୍ତି । କିନ୍ତୁ ଋଣ ଛାଡ ହେଲେ ପରିଶୋଧ କରୁନଥିବା ଚାଷୀ (ସେ ଗରିବ ହେଉ ବା ଧନୀ) ଉପକୃତ ହୁଅନ୍ତି ୨୦ ଭାଗ, ଋଣ କରିନଥିବା ଚାଷୀ ୫୦ ଭାଗ, ମୋଟ ୮୦ ଭାଗ ସୁବିଧା ପାଇବାରୁ ବଞ୍ଚିତ ରୁହନ୍ତି । ଏଣୁ ବିଚାର କରନ୍ତୁତ ୮୦ ଭାଗ ଚାଷୀଙ୍କର ମାନସିକତା କ'ଣ ହେବ । ଯଦି ଏମାନଙ୍କ ମଧ୍ୟରୁ କୌଣସି ଚାଷୀର ଫସଲହାନୀ ହୁଏ, ସେ କ'ଣ କରିବ ? ଏଭଳି ଅନେକ ସରକାରୀ ତୃଟି କୃଷକମାନଙ୍କୁ ଉତ୍ସାହିତ କରିବା ପରିବର୍ତ୍ତେ ଚାଷୀଙ୍କୁ ନିରୁତ୍ସାହିତ କରିଚାଲିଛି, ଯାହାଦ୍ୱାରା ଚାଷୀମାନେ ଚାଷଛାଡ଼ି ଅନ୍ୟବୃତ୍ତି କରିବାକୁ ବାଧ୍ୟ ହେଉଛନ୍ତି ଏବଂ ଧୀରେ ଧୀରେ ରାଷ୍ଟ୍ରୀୟ ଉତ୍ପାଦନର ହ୍ରାସ ହେବାରେ ଲାଗିଛି ।

ମୋ ବ୍ୟକ୍ତିଗତ ମତ ହେଉଛି, ଯେ ଚାଷୀମାନଙ୍କର ସାମୁହିକ ଦ୍ରୁତ ବିକାଶ ପାଇଁ କୃଷିକୁ ଶିଳ୍ପର ମାନ୍ୟତା ଦେବା ଅତି ଆବଶ୍ୟକ । ଯାହା ଫଳରେ ଚାଷୀ ଚାଷକରି ହତାସ ହେବ ନାହିଁ । ଚାଷୀମାନଙ୍କର ସକାରାତ୍ମକ ବିକାଶ କରିବାକୁ ହେଲେ, ସରକାର ପ୍ରତି ପଞ୍ଚାୟତକୁ ୟୁନିଟ୍ ଭାବରେ ଗ୍ରହଣ କରି ଚାଷୀମାନଙ୍କର ଚାଷକୁ ନିଜ ହାତକୁ ନେଇ ଚାଷୀମାନଙ୍କୁ ନିଜ କର୍ମଚାରୀ ଭାବରେ ନିଯୁକ୍ତି ଦେବା ଦରକାର । ପଞ୍ଚାୟତ, ବ୍ଲକ କିମ୍ବା ଜିଲ୍ଲା ସ୍ତରରେ ଚାଷୀମାନଙ୍କର ଜମିକୁ ୩୦ ବର୍ଷ, ୫୦ ବର୍ଷ ପାଇଁ ସରକାର ଲିଜ ସୂତ୍ରରେ ନେଇ କୃଷି ଅଧିକାରୀ ଏବଂ ବିଶେଷଜ୍ଞମାନଙ୍କ ଦ୍ୱାରା ଚାଷ କଲେ, ଚାଷୀମାନଙ୍କର ସମସ୍ତ ସମସ୍ୟାର ସମାଧାନ ହୋଇପାରିବ । ଉଦାହରଣ ସ୍ୱରୂପ ଗୋଟିଏ ପଞ୍ଚାୟତ ସ୍ତରୀୟ ୟୁନିଟରେ ୧ କୋଟି ଟଙ୍କା ବ୍ୟୟ କରି ଆଧୁନିକ ପ୍ରକ୍ରିୟାରେ ଯନ୍ତ୍ର ଦ୍ୱାରା ଚାଷ କାର୍ଯ୍ୟ କରିବେ । ଜମି ନେଇଥିବା ଚାଷୀମାନଙ୍କୁ ଜମିର ପରିମାଣ ଅନୁଯାୟୀ ୩ ହଜାର - ୫ ହଜାର - ୧୦ ହଜାର କରି ପ୍ରତିମାସରେ ଦରମା ଦେବେ । କୃଷି ଜମିର ବିକାଶ କରିବେ, ଜଳସେଚନର ସୁବଧା, ରାସ୍ତାଘାଟର ବିକାଶ, କୃଷି ଉତ୍ପାଦନର ବିକ୍ରି, ସଂଚୟ, ଆଦି କରିବେ, କୃଷକମାନଙ୍କ ଉପରେ ବୋଝ ରହିବ ନାହିଁ । ସେମାନେ ପରିଶ୍ରମ କରିବେ ଦରମା ନେବେ । ସରକାର ହାନିଲାଭ ବୁଝିବେ । ପ୍ରାକୃତିକ ବିପର୍ଯ୍ୟୟରେ କ୍ଷୟକ୍ଷତି ହେଲେ, ୧ କୋଟିର ବୀମା ଟଙ୍କା ସରକାର ବୀମା କମ୍ପାନୀଙ୍କଠାରୁ ପାଇବେ । ଏପରି କଲେ ରାଜ୍ୟ/ରାଷ୍ଟ୍ର ନିଶ୍ଚିତ ଭାବରେ ବିକାଶିତ ହେବ ।

ସରକାର ଯଦି ଏହାକୁ କରିବାକୁ ଅକ୍ଷମ ହୁଏ, ତେବେ କମ୍ପାନୀମାନଙ୍କ ସହିତ ଚୁକ୍ତି କରି ଏ କାର୍ଯ୍ୟକୁ ତୁରନ୍ତ କାର୍ଯ୍ୟକାରୀ କରିବା ଦରକାର । ଏଥିରେ

Digitized by srujanika@gmail.com

ଚାଷୀମାନଙ୍କ ତରଫରୁ ସମସ୍ୟା କିମ୍ବା ପ୍ରତିବନ୍ଧକ ଆସିପାରେ, କିନ୍ତୁ ସରକାର ଏବଂ ବିରୋଧୀଙ୍କ ତରଫରୁ ଚାଷୀମାନଙ୍କୁ ସଚେତନ କରିବା ଦରକାର । କମ୍ପାନୀମାନେ କାରଖାନା ପ୍ରତିଷ୍ଠା ପାଇଁ ଯେମିତି ଖଣି ଲିଜ୍ ନେଉଛନ୍ତି, ଏବଂ କାରଖାନା କରି ଗଚ୍ଛିତ ଏବଂ ସୀମିତ କଞ୍ଚାମାଲକୁ ଦେଶ ବିଦେଶକୁ ରପ୍ତାନୀ କରି ଲାଭବାନ ହେଉଛନ୍ତି, ସେହିପରି କୃଷିକ୍ଷେତ୍ରରେ କଲେ, କୃଷକମାନେ କମ୍ପାନୀରେ ଚାକିରୀ କରିବେ ଜମି ଦେବେ, ଦରମା ପାଇବେ, ଏବଂ ଖୁସିରେ ରହିବେ, ଦେଶର କୃଷି ଉତ୍ପାଦନ ବଢ଼ିବ, ସମସ୍ତେ ଖୁସିରେ ଚଳିବେ । ଏହା କେବଳ ଭାରତୀୟ କମ୍ପାନୀମାନଙ୍କୁ ହାତରେ ନ୍ୟସ୍ତ କରିବା ଉଚିତ୍, ବିଦେଶୀ କମ୍ପାନୀମାନଙ୍କୁ ନୁହେଁ । ମନେକରନ୍ତୁ ଏକ ବ୍ଲକ କିମ୍ବା ଜିଲ୍ଲାକୁ ଟାଟା-ବିର୍ଲା, ରିଲିୟାନ୍ସ, ଏୟାରଟେଲ୍ ଆଦି କମ୍ପାନୀମାନଙ୍କ ସହିତ ସରକାର ଚୁକ୍ତି କଲେ, ସେମାନେ ଏ କାର୍ଯ୍ୟକୁ ତ୍ୱରାନିତ କରିବେ, ଯେମିତି କାରଖାନା ପାଇଁ କରିଛନ୍ତି । ରାଜ୍ୟ ଓ ରାଷ୍ଟ୍ରରେ ସୁନା ଫଳିବ । କିନ୍ତୁ ଏ ବିଷୟରେ ସରକାର ଚିନ୍ତା କରୁନାହିଁ, କି କରିବା ଚେଷ୍ଟା ବି କରୁ ନାହିଁ କାହିଁକି ?

ଏକ ପୁରୁଣା ପଦ୍ଧତିରେ ବର୍ତ୍ତମାନର ସରକାର ଚାଲିଛି । କେବଳ ଫାଇଲ ଚଷା ଚାଲିଛି । ନିର୍ବାଚନରେ କିଛି ପ୍ରତିଶ୍ରୁତି, ସରକାର ଗଠନ, କୃଷି ଓ କୃଷକମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ କିଛି ପ୍ୟାକେଜ, ପୁଣି ନିର୍ବାଚନ ଏବଂ ପୁନଃସ୍ଥିତି । ଏଥିରେ କୃଷି - କୃଷକ ଓ ଦେଶର ଦ୍ରୁତ ବିକାଶ ଅସମ୍ଭବ । ଏଣୁ ବ୍ୟବସ୍ଥାର ଆମୁଳଚୂଳ ପରିବର୍ତ୍ତନ ସହିତ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯିବା ଦରକାର ଯାହା ଦ୍ୱାରା ଚାଷୀମାନଙ୍କର ଆତ୍ମହତ୍ୟା ସମସ୍ୟାର ସ୍ଥାୟୀ ସମାଧାନ ନିଶ୍ଚିତ ଭାବରେ ହୋଇ ପାରିବ, ନହେଲେ ଏଭଳି ସମସ୍ୟା ଦିନକୁ ଦିନ ବଢ଼ି ଚାଲିଥିବ, କମିବାର ପ୍ରଶ୍ନ ଉଠୁ ନାହିଁ। ଚାଷୀମାନେ ମଧ୍ୟ ଏହାକୁ ହୃଦୟଙ୍ଗମ କରି ସହୃଦୟତା ସହିତ ସହଯୋଗ କରିବା ଏକାନ୍ତ ଆବଶ୍ୟକ ।

ଚାଷୀ ଆତ୍ମହତ୍ୟା କବିତା ପୁସ୍ତକରେ ମୃତ ଚାଷୀମାନଙ୍କ ମୁଖରେ ଏ କଥା କହିବାକୁ ମୁଁ ଚେଷ୍ଟା କରିଛି । ସରକାର ଏହାକୁ ସକାରାତ୍ମକ ଭାବରେ ବିଚାର କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନେବାକୁ ଚେଷ୍ଟା କରିବା ଦରକାର । କୃଷି ବିଶେଷଜ୍ଞ, କୃଷିପ୍ରେମୀ, କୃଷି ବିଷାରଦ, କବି, ଲେଖକ ଓ କୃଷିବୈଜ୍ଞାନିକମାନଙ୍କୁ ନେଇ, ଏ ବିଷୟରେ ସରକାର ଆଲୋଚନା କରିବା ଦରକାର । ଏମିତି ଏକ ନୂତନ ବ୍ୟବସ୍ଥାର ପ୍ରଣୟନ ପାଇଁ ନିର୍ବାଚିତ ସମସ୍ତ ସଦସ୍ୟମାନଙ୍କୁ ନେଇ ସର୍ବଦଳୀୟ ଆଲୋଚନା କରିବା ଦରକାର । ସମସ୍ତଙ୍କୁ ନେଇ ସହମତି ଭିତ୍ତିରେ ଏକ କାର୍ଯ୍ୟ କଲେ ନିଶ୍ଚିତ ସଫଳ ହେବ ।

Digitized by srujanika@gmail.com

ବିଗତ କିଛିଦିନ ତଳୁ ଚାଷୀ ଆତ୍ମହତ୍ୟା କଥା ଶୁଣି ଶୁଣି ମୁଁ ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲି । ଗଭୀର ନିଦ୍ରାରେ ଥାଇ ମୃତ ଚାଷୀଙ୍କର ଆର୍ତ୍ତଚିତ୍କାର ମୁଁ ସ୍ୱପ୍ନରେ ଲେଖୁଥିଲି । ସମସ୍ତେ କହୁଥିଲେ, ହେ କବି; ଆମ କଥା କେହି ଶୁଣୁ ନାହାଁନ୍ତି ? ତୁମେ ଟିକେ ଶୁଣ; ଆମ କଥାକୁ କବିତାରେ ଲେଖି ସମସ୍ତଙ୍କୁ ଜଣାଅ । ସକାଳୁ ମୁଁ ମୋ ସ୍ତ୍ରୀକୁ କହିଲି, ଆତ୍ମହତ୍ୟା କରିଥିବା ମୃତ ଚାଷୀମାନଙ୍କର ଆତ୍ମା ମୋତେ ହଇରାଣ କରୁଛନ୍ତି । କ'ଣ କରିବି ? ସେ କହିଲେ - 'ତୁମେ କେତେ କ'ଣ ଲେଖୁଛ, ତୁମେ ତ ଚାଷୀମାନଙ୍କୁ ଭଲପାଅ, ତାଙ୍କ ପାଇଁ କବିତା ଲେଖୁନା' ।

ଦୁଇଦିନ ଅକ୍ଲାନ୍ତ ପରିଶ୍ରମ କରି ଏ କବିତା ଗୁଡ଼ିକୁ ଲେଖିଦେଇ ମୁଁ ମୋ ବାଟରେ ଚାଲିଗଲି । ସପ୍ତାହ ପରେ ଘରକୁ ଆସିବା ବେଳକୁ ମୋର ବିନା ଅନୁମତିରେ ପୁସ୍ତକଟି ଛପା ସରିଛି । ପୁସ୍ତକଟି ଦେଖି ମୁଁ ଅତ୍ୟନ୍ତ ଆନନ୍ଦିତ ହେଲି; ଏବଂ ସ୍ତ୍ରୀକୁ ଧନ୍ୟବାଦ ଦେଲି । ବାସ୍ତବରେ ଏ ପୁସ୍ତକର ଲିଖନ ଏବଂ ପ୍ରକାଶନର ସମସ୍ତ ଶ୍ରେୟ ମୁଁ ମୋର ଧର୍ମପତ୍ନୀ ଶ୍ରୀମତୀ ସୁଜାତା ମୁଦୁଲିଙ୍କୁ ଦେଉଛି ।

କାବ୍ୟିକ୍ ଦୃଷ୍ଟିକୋଣରୁ କବିତାର ମାନଦଣ୍ଡ କିପରି ତାହା ପାଠକେ କହିବେ । ମୁଁ ମୋ ଶୈଳୀରେ କବିତା ମାଧ୍ୟମରେ ମୃତଚାଷୀମାନଙ୍କର ଭାବନାକୁ ସାଧାରଣ ଚାଷୀ, ସରକାର, କମ୍ପାନୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରିଛି, କାବ୍ୟିକ ଦୃଷ୍ଟିକୋଣରୁ ନୁହେଁ । କବି ହିଁ ପ୍ରଥମେ ନୂଆ ବାର୍ତ୍ତା କୁହେ । କିନ୍ତୁ ବଡ଼ ପରିତାପର କଥା ଅଧିକାଂଶ କବିମାନେ ଚାଷୀମାନଙ୍କର କଥା ଲେଖିବାକୁ ଏଣିକି କୁଣ୍ଠାବୋଧ କରୁଥିବାର ଅନୁମାନ କରାଯାଉଛି । ଏହା ସାହିତ୍ୟପାଇଁ ଶୁଭଙ୍କର ନୁହେଁ ।

ଆଶାକରେ ମୋ କବିତାର ବାର୍ତ୍ତା ସବୁ ସ୍ତରରେ ପହଞ୍ଚି ସମସ୍ତଙ୍କ ପାଖରେ ଆଦୃତ ହେବ ଏବଂ ମୋ ଶ୍ରମର ସାର୍ଥକତା ରହିବ ।

ଜୟ ଜଗନ୍ନାଥ ।

କବି ନାରାୟଣ ମୁଦୁଲି
କୋଠପଦା, କୁହୁଣ୍ଡା, କୁଆଁପାଳ, କଟକ

Digitized by srujanika@gmail.com

ଆତ୍ମହତ୍ୟା କଲ କାହିଁ ବନ୍ଧୁ

ଆତ୍ମହତ୍ୟା କଲ କାହିଁ ବନ୍ଧୁ,
କ୍ଷେତର ଗାଲିଚା ପରେ ମଥା ରଖି ଶୋଇଗଲ
ପାଇବାକୁ ଅମୃତର ସିନ୍ଧୁ ।

ତୁମେ କିବା ଦେଖି ଡ଼ରିଗଲ,
ଏ ବିସ୍ତୃତ ଆକାଶରେ ଚନ୍ଦ୍ର-ସୂର୍ଯ୍ୟଙ୍କର ଖେଳ
ବନ୍ୟା, ବାତ୍ୟା, ଖରା, ବର୍ଷା ଶୀତ, କୁହୁଡ଼ି, କାକର
ହେଲ କାହିଁ କିମ୍ବା କୁହ ତୁମେ ଝଡ଼ର ଇଗଲ
ବୃଥାଟାରେ ଆତ୍ମହତ୍ୟା କଲ ।

ବନ୍ଧୁ ! ଏକା ତୁମେ ମଲନି ତ,
ନେଲ ସଂଗେ ବଳଦେବ ଉଗ୍ରସେନ, କୁଶଧ୍ୱଜ
ଗୌରହରି, ବିଦ୍ୟାଧର ଧନୁ ସଂଗତେ କାର୍ତ୍ତିକ
ମହର୍ଷି, ବାଞ୍ଛା, ସୁନିଲ ପାଣ୍ଡବ ସାଥେ ଅଙ୍ଗଦ
ମୃତ୍ୟୁ ପରେ ସର୍ବେ ହେବ ଭୂତ ।

ବୁଝିଲନି ଚାଷୀ ନିଶା-ପେଶା,
ତା ଆତ୍ମା, ମନ, ହୃଦୟ ସ୍ପନ୍ଦନର ମୂକ ଭାଷା
ତୂଳିରେ ସଦ୍ୟଲିଖିତ ଜୀବନର ପରିଭାଷା
ବିଶ୍ୱାସରେ ବିଷ ଦେଇ ଛଡ଼ାଇ ନେଲ ତା' ଆଶା
ତୁମକୁ କରିଛି ସଂସାର ଭରସା ।

କୁହ କାହିଁ କଲ ଆତ୍ମହତ୍ୟା,
ଅସହ୍ୟ ହୋଇଲେ ନାରୀ ବାଧ୍ୟ ହୋଇ ହୁଏ ବେଶ୍ୟା
ଅସହ୍ୟ ହୋଇ ପୁରୁଷ କରୁଥାଏ ଆତ୍ମହତ୍ୟା
କାପୁରୁଷ ଓ ଭୀରୁତା କରେ ମଣିଷକୁ ହତ୍ୟା
ଏଟା କ'ଣ ଚାଷୀର ମର୍ଯ୍ୟାଦା ?

Digitized by srujanika@gmail.com

ଯିବା ଧନ ଗଲା ସେ ଉଜୁଡ଼ି,
କ୍ଷେତରେ ହସେ ଫସଲ   ଦୁନିଆର ଫୁଲକଢ଼ି
ନଷ୍ଟ ହେଲ ଚାଷୀ ମନେ   ଦୁଃଖ ଯାଏ ବଢ଼ି ବଢ଼ି
ଜଳ ବିନୁ ଶୁଷ୍କ ଧରା   ହେଲା ଯଦି ଚନ୍ଦ୍ର କାଢ଼ି
ମୃତ୍ୟୁ ପାଇଁ ଥିଲ ପାଗଭିଡ଼ି ।

ବିକଳ୍ପ କ'ଣ କିଛି ପାଇଲନି,
ସୁଧେ ଯଦି କଲ ଚାଷ   ମହାଜନୁ ଟଙ୍କା ଆଣି
କଲନି କାହିଁକି ଚାଷ   ଗୋରୁ, ଛେଳି, ମେଣ୍ଢା, କିଣି
ସର୍କାର ଗଢ଼ିଛ ତୁମେ   ଯାଇ ତାକୁ କହିଲନି
ତୁମ କଥା କେହି ବୁଝିଲେନି ?

ରଣଭାରୁ କଲ ଆତ୍ମହତ୍ୟା,
ମୁକ୍ତି ପାଇଁ ଜାଣି ରଖ   ଅଟେ ଭଲ ଏହି ପନ୍ଥା
ସଂଘର୍ଷ ନକରି ଦୋଷ   ଦିଅ ପରକୁ ଅନ୍ୟଥା
ବିପଦକୁ ଟାଳିବାର   ନାହିଁ କାହାରି କ୍ଷମତା
ଦିଅ ଦୋଷ କାହାକୁ ବା ବୃଥା ?

ଚାଷ ରଣ କରୁଛ କାହିଁକି,
ହେଉ ମହାଜନ ଠାରୁ   ଅବା ବ୍ୟାଙ୍କ ତହବିଲୁ
ନକରି ସଦୁପଯୋଗ   ହେରଫେର ଦିଅ କରି
ଦେଖାଣିଆ ଆଣ୍ଟ କରି   ରଣକର କାହିଁପାଇଁ
ସୁଝିବା କ୍ଷମତା ଯଦି ନାହିଁ ।

ରଣଛାଡ଼ କାହିଁକିବା ହେବ,
ଏଭଳି ମାନସିକତା   ଯଦି ସଭିଙ୍କ ରହିବ
ଚାଷ କାମେ ଚାଷୀଙ୍କର   ନିତି ଆତ୍ମହତ୍ୟା ହେବ
ଲୁଟିବାର ସୁଉପାୟ   ନିଶ୍ଚେ ଆବିଷ୍କାର ହେବ
ନିୟନ୍ତ୍ରଣ କିଛି ନରହିବ ।

Digitized by srujanika@gmail.com

ଚାଷୀମାନେ ନୁହଁନ୍ତି ତ ଠକ,
ସୀମାରେ ସୈନିକ ଲଢ଼େ
କ୍ଷେତରେ କୃଷକ ଗାଏ
ଆଦ୍ୟ ଜୀବନ ସଂଗୀତ
ଧରାରୁ ହରିବାକୁ କଷ୍ଟ
ଆତ୍ମହତ୍ୟାରୁ ହେ ଚାଷୀ
ଦୂରେ ରୁହ ଦୂରେ ରୁହ
ତୁମକୁ ମୁଁ କରେ ନମସ୍କାର ।

କୁହ କାହିଁକି ଏପରି କଲ,
ସରକାର ଦୋଷ ଦେଲ
ଯଦି ତୁମେ ଭଲ କଲ
ଜୀବିତେ ନ କହି କାହିଁ
ମରଣେ ତାହା କହିଲ
ଗଣତନ୍ତ୍ର ଅର୍ଥ ବୁଝ
ଠିକ୍ ଅଛି ଜାଣିରଖ
ଆଗରୁ ତ ନଥିଲା ସର୍କାର ।

ଆଗେ ଚାଷୀ କରୁଥିଲେ ଚାଷ,
ସଭିଙ୍କ ପାଶେ ପ୍ରବଳ
ଥିଲା ଆଶା ଓ ବିଶ୍ୱାସ
ପ୍ରକୃତିରେ ଲଢୁଥିଲେ
ନିର୍ଭୟରେ ଚଳୁଥିଲେ
କୁହ ଚାଷୀକୁଳ କୁହ
ସେବେ ନଥିଲା ସର୍କାର
ଭରସା ଥିଲା ତାଙ୍କ ଈଶ୍ୱର ।

ସରକାର ବୁଝନ୍ତିନି କିଛି,
ତୁମ ସୁବିଧା ଅପେକ୍ଷା
ବୁଝନ୍ତି ନିଜର ବେଶି
ଚାଷୀପଳ ମରୁଥାନ୍ତୁ
ଆମର ରହୁଟି ସ୍ଥିତି
ତୁମ କଥା ବୁଝିବାକୁ
ତାଙ୍କ ପାଶେ ଚାବିକାଠି
ଦେଖ ତାଲା ସବୁଠି ଝୁଲୁଛି ।

କୁମ୍ଭକର୍ଣ୍ଣ ନିଦ ଭାଙ୍ଗୁନାହିଁ,
ଆତ୍ମହତ୍ୟା ଯେତେ ହେଉ
କିଛି ଯାଆଆସ ନାହିଁ
ଟିଭି ଆଉ କାଗଜରେ
ସ୍ପଷ୍ଟୀକରଣକୁ ଦେଇ
ଏଣୁତେଣୁ କଥା କହି
ବିରୋଧୀ ମନ ଭୁଲାଇ
ବାଜା ବଜାଇ ବ ଲାଭ ନାହିଁ ।

Digitized by srujanika@gmail.com

କହ ! କାହାକୁ ଦେବୁ ତୁ ଦୋଷ,

ଖଜୁରୀ ଗଛକୁ ଦେଖ
ବିରୋଧି ସଂଗତେ ନାଚ
କୋଳା କୋଳି ଭୁକୁଞ୍ଚନ

ମୂଳୁ ପାହାଚୁ ପାହାଚ
କେନ୍ଦ୍ରରୁ ପଡୁଛି ଚାପ
ନାହିଁ ମାନ ଅଭିମାନ

ଚାଷୀ ହେଉ ପଛେ ହୀନିମାନ ।

ମାଳ ମାଳ ମୂର୍ଖ, ଗଣ୍ଡ ମର;

ଲାଭ ହେବ ନାହିଁ ତୋର
ରାଜ୍ୟରେ ନୁହେଁ ରାଷ୍ଟ୍ରରେ
ପ୍ରାଣ ଖୋଲି କହ ଚାଷୀ

ସମସ୍ତେ ଏଠାରେ ଚୋର
ହୋଇଲେ ଏହା ପ୍ରଚାର
କି ହେବ ତୋ ଉପକାର

ଆତ୍ମହତ୍ୟା କିବା ଦରକାର ?

ଆତ୍ମ ସୁରକ୍ଷା ପାଇଁ ସର୍କାର;

ଫିଙ୍ଗି ଦେବେ କିଛି ଦାନା
ଆତ୍ମହତ୍ୟା ପରିଣାମ
ନୁହେଁ ତୁ ଭାଇ ତୋହର

ଖୁଣ୍ଟିବୁ ତୁ'ରେ ଅବନା
ବୁଝିବୁ ତୁହି ସେଦିନ
ମୋତେ କାହୁଁ ତୁ ପଚାର

ଦାୟୀ କିଏ ? କହ ପ୍ରିୟବର ।

ରଣଛାଡ଼ କରୁଛି କେ କୁହ,

ଚାଷୀଙ୍କର ମନୋବଳ
ତାଙ୍କ ପାଇଁ ରଣଚାଡ଼
ତୁମେ ଏହା ଭିଆଇଛ

ତୁମ ପାଇଁ ହେବ କାଳ
ଧନୀ ହୁଅନ୍ତି ପ୍ରବଳ
ନୀରବରେ ବସି ରୁହ

ସରକାର ତୁମେ ଦାୟୀ ରୁହ ।

ମୃତ୍ୟୁର କାରଣ ବସି ଖୋଜ,

ହତାସ ଚାଷୀର ମନ
କଥାରେ କଥାକୁ ରଖ
ବିଗାଡ଼ିଲେ ତୁହି ନୀତି

କ୍ଷେତକୁ ଯାଇ କି ବୁଝ
ଭାଷଣ ବାଜିକୁ ତେଜ
ପାଇବୁନି ଟିକେ ପେଜ

ନୀରବେ ଏହା ମନରେ ହେଜ ।

Digitized by srujanika@gmail.com

ଆମ ରାଷ୍ଟ୍ରର ବିଚିତ୍ର ନୀତି,
ଖାଇଗଲେ ଋଣ କରି
ଚାଷବାସ ବି ନକରି
ଯିଏ ତାହା ନ ପାଇଲେ
ଆତ୍ମହତ୍ୟା କରି ମଲେ
ସମସ୍ତେ ଏଥିରେ ଖୁସି
ଚାଷୀମାନେ ନିତି ନିତି
ସରକାର କରୁନାହିଁ ଭୀତି ।

ଦେବେ ଯଦି ଚାଷୀ ଟାଙ୍କୁ ଠେଙ୍ଗେ,
ଛାଡ଼ିଯିବ ଢ଼ଙ୍ଗରଙ୍ଗ
ଯାଇ ବସିଯିବେ ମଙ୍ଗେ
ଥଳକୂଳ ପାଇବନି
ପଡ଼ିବେ ସାଗର ବଙ୍ଗେ
ଲୋକସେବା, ଜନସେବା
ପ୍ରୀତି କାହିଁକି ସେ ଲଂଘେ
ବୁଦ୍ଧି ହଟିଯିବ ନିଶ୍ଚେ ଟାଙ୍କ ଢ଼ଙ୍ଗେ ।

ସଜ ହୁଅ ଏବେ ଚାଷୀକୁଳ,
ପ୍ରତିଶୋଧ ନିଅ ତୁମେ
ହୋଇ ସର୍ବେ ଏକ ମେଳ
ଆଜି ସେ ମରିଲା କାଲି
ତୁମେ ନିଶ୍ଚେ ବି ମରିବ
ମୃତ୍ୟୁ ପୂର୍ବୁ ଦୋଷୀଙ୍କୁ
କୁହ କାହିଁକି ଛାଡ଼ିବ
ଜାଗ୍ରତ କର ମନୋବଳ ।

ଜଣ ଜଣ କେତେ ବା ମରିବ,
ପଣପଣ ସଂଖ୍ୟା ସେଥୁ
ଗୁହ ନିଶ୍ଚେ ଉତୁରିବ
ଧାରାକୁ ବେଧାରା ଭାଇ
ତୁମେ କେବେ ନ କରିବ
ବିଦ୍ୟୁତ ହେଲେଟି ଥରେ
ତାକୁ ରୋକି ନ ପାରିବ
ଏଥୁଁ କ'ଣ ସମସ୍ୟା ଟଳିବ ?

ସମସ୍ୟାର ସମାଧାନ ହେବ,
ଯୋଜନାର ଜୁଆ ଘରେ
ବସି ଗୋଟି ଗଡ଼ାଇବ
ହାନୀ, ଲାଭ ତ୍ୟାଗ କରି
ଯେବେ ଲଙ୍ଗଳ ପେଲିବ
ବୁଦ୍ଧି, ଜ୍ଞାନ, କଉଶଳେ
ନାନା ଫସଲ କାଟିବ
ଚାଷୀ ଯେବେ ସଚେତନ ହେବ ।

କିପରି ହେବେ ଚାଷୀ ସଚେତନ,
ସୂଚନା ପ୍ରଯୁକ୍ତି ବିଦ୍ୟା
କ୍ଷେତ ହେବ ନାହିଁ ବଂଧା
କାରିଗରୀ ବିଦ୍ୟାବଳେ
ନିତି ତୁ ଚାଷ କରିଲେ
ନୂତନକୁ ଆବୁରିବୁ
ଛାଡ଼ି ତୁହି ପୁରାତନ
ଅଭାବ ହେବନି ତୋତେ ଧନ ।

Digitized by srujanika@gmail.com

ଅନେକ ଯୋଜନା ଚାଷୀଙ୍କର,

ଏବେ କଲେଣି ସର୍କାର — ସିଦ୍ଧ ହସ୍ତ ଦରକାର
କ୍ଷେତ ଦେଖି ଚାଷକର — ମେଣ୍ଟିବ ଦୁର୍ଦ୍ଦଶା ତୋର
ଯେଉଁ ସ୍ଥାନେ ଯେଉଁ ଚାଷ — ହେବ ତାହା ସେଠି କର

ଫସଲ ହାନୀ ନ ଘଟିବ ତୋର ।

ଅପାଣିଆ କ୍ଷେତେ କଲେ ଧାନ,

ହରଡ଼ କେଉଁଠି ହେବଂ — ତୁହି କହ ଆରେ ମନ
ପୁରୁଣା ପ୍ରବୃତ୍ତି ଛାଡ଼ — ନୂତନ ଶୈଳିକୁ ମାନ
ଯଦି ତୁ'ରେ କମାଇବୁ — ଭାଇ ବସ୍ତା ବସ୍ତା ଧାନ

ହସିବ ଦୁନିଆ ହେ ସୁମନ ।

ଶାନ୍ତ କର ଚିତ୍ତ ତୋର ଚାଷୀ,

ଜଳ, ଜମି ଓ ଜଙ୍ଗଲ — ସୁରକ୍ଷା କରିଲେ ଭଲ
ମାଛ, ଶଶ୍ୟ, ଫଳମୂଳ — ଅବା ହେଉ କନ୍ଦମୂଳ
ସବୁ ପ୍ରକାରର କୃଷି — କରୁଥିବ ମିଳିମିଶି

ହରିବ କଷ୍ଟ ଶୁଣ ହେ ଚାଷୀ ।

ଡିଲେ ଚିନ୍ତା କର ନାହିଁ ଭାଇ,

କୁକୁଡ଼ା, ବତକ, ଛେଳି — ଗାଈ, ମେଣ୍ଢା ଓ ଘୁଷୁରୀ
ନ ହୋଇବ ତା'ର କ୍ଷତି — ବଢ଼ିବ ତୋ ଧନରାଶି
ସମସ୍ତ ସୁଖ ସେଥିରୁ — ଅବଶ୍ୟ ମିଳିବ ଭାଇ

ଆତ୍ମହତ୍ୟା କେବେ କର ନାହିଁ ।

ହେ ! ପରୋପକାରୀ ଚାଷୀଭାଇ,

ଆବେଗେ ଜଳନା ଭାଇ — ଉଦଣ୍ଡ ନୃତ୍ୟେ ଲାଭ ନାହିଁ
ହୋଇ ତ୍ୟାଗର ମୂରତି — ଚିନ୍ତି କଥା ଦୂରଦର୍ଶୀ,
ସାହସ ବଳେ ତୁ ଜିତି — ରଖିବୁ ସଂସାରେ କୀର୍ତ୍ତି

ଧନ୍ୟ ଧନ୍ୟ ତୁ କୃଷକ ଜାତି ।

Digitized by srujanika@gmail.com

ଧନୁ ଚାମ୍ପିଆ

ହେ ବନ୍ଧୁ ବିଦାୟ !
ମୋ ମନ ଗହ୍ୱର ଯନ୍ତ୍ରଣା ସବୁ
କ୍ଷଣକେ ବୁଝାଅ ।

ଦୁଇ ପୁଅ-ଝିଏ କରିଥିଲି ଘର
ଉଧାର କରଜେ ହେଲି ହରବର
ସୁଝିବାରେ ନାହିଁ ଉପାୟ ମୋର
କେମିତି ଚଳିବେ ମୋ ପରିବାର
ଦୁଃଖରେ ରହନ୍ତି ଭାରିଜା ମୋର
ତାକୁ ବୁଝାଇ ପାରୁନି ହେ ପ୍ରିୟବର
ହେ ବନ୍ଧୁ ବିଦାୟ !
ମୋ ମନ ଗହ୍ୱର ଯନ୍ତ୍ରଣା ସବୁ
କ୍ଷଣକେ ବୁଝାଅ ।

କଟକ ଜିଲ୍ଲାର ରାମକୃଷ୍ଣପୁର
ବାଲିସମଳା ମୋ ନାମ ଗ୍ରାମର
ଏ ଗାଆଁର ଶୋଭା ଭାରି ମନଲୋଭା
ଛାଡ଼ିବାକୁ ଇଚ୍ଛା ନଥିଲା ମୋର
ମାଟିର ସୁଗନ୍ଧ ବିଷର ଦୁର୍ଗନ୍ଧ
ନିରୁପାୟ ହୋଇ କରିଲି ପାନ
ହେ ବନ୍ଧୁ ବିଦାୟ !
ମୋ ମନ ଗହ୍ୱର ଯନ୍ତ୍ରଣା ସବୁ
କ୍ଷଣକେ ବୁଝାଅ ।

Digitized by srujanika@gmail.com

ବୟସ ମାତର ପଚାଶ ବରଷ
ଧନୁ ଚାମ୍ପିଆ ଅଟେ ମୋ ନାମ
ମଜୁରିଆ ଭାବେ ଖଟୁଥିଲା ବେଳେ
ସୁଖେ ଚଳୁଥିଲା ମୋର ସଂସାର
ଚାଷ କରି ମୁହିଁ ହେଲି ହତାସ
କାହାକୁ କହିବି ଏ ଦୁଃସମ୍ବାଦ
ହେ ବନ୍ଧୁ ବିଦାୟ !
ମୋ ମନ ଗହ୍ୱର ଯନ୍ତ୍ରଣା ସବୁ, କ୍ଷଣକେ ବୁଝାଅ !

ଋଣ ଆଣି ମୁହିଁ କରିଲି ଚାଷ
ନିଜ ଜମି ନୁହେଁ ସେ ଭାଗଚାଷ
ଧାନ ଚାଷ କଲି ପାଞ୍ଚ ଏକର
ପ୍ରତିକୂଳ ପାଗ କରିଲା ନାଶ
ଦେଖୁ ଦେଖୁ ହେଲା ହାନି ଫସଲ
କେମିତି ଚଳିବି ବର୍ଷତମାମ କୁହ
ହେ ବନ୍ଧୁ ବିଦାୟ !
ମୋ ମନ ଗହ୍ୱର ଯନ୍ତ୍ରଣା ସବୁ, କ୍ଷଣକେ ବୁଝାଅ !

ମହାଜନ ଆସି ବସିଲା ଦାଣ୍ଡେ
କଥା ଦେଲି ଋଣ ଶୁଝିବି ଚାଣ୍ଡେ
ଆଜିକାଲି କହି କାଟିଲି ଦିନ
ଭଣ୍ଡାଇ ଭଣ୍ଡାଇ ଗଲା ମୋ ସନମାନ
ବୁଦ୍ଧି ଜୁଟିଲାନି ମୁଣ୍ଡକୁ ମୋର
ବିଷ ଖାଇବାକୁ ହେଲି ତତ୍ପର
ହେ ବନ୍ଧୁ ବିଦାୟ !
ମୋ ମନ ଗହ୍ୱର ଯନ୍ତ୍ରଣା ସବୁ, କ୍ଷଣକେ ବୁଝାଅ !

ଦିନେ ମହାଜନ ମାଗିଲା ଟଙ୍କା
ବାରକଥା ଶୁଣି ମୋ ମୁହଁ ବଙ୍କା
ଭାବିଲି ଜୀବନ ରଖିବି ନାହିଁ
ମରିବି ପଛକେ ବିଷକୁ ଖାଇ

Digitized by srujanika@gmail.com

କଥା ରଖିଲିନି କି ମୁଁ ପୁରୁଷ
ଯାଉଛି ଖାଇବି ତକ୍ଷଣେ ବିଷ,
ହେ ବନ୍ଧୁ ବିଦାୟ !
ମୋ ମନ ଗହ୍ୱର ଯନ୍ତ୍ରଣା ସବୁ, କ୍ଷଣକେ ବୁଝାଅ !

ତିନି ଦିନ ବସି ଭାବିଲି ମୁହିଁ
ପିଲାଙ୍କ ସାଥିରେ ଯତନେ ଖାଇ
ତୁଟାଇ ଦେଲି ମୁଁ ମାୟା ଓ ଲୋଭ
ଦାନାଦର ନେଇ କଲି ପ୍ରବେଶ
ବୁଲାବୁଲି କରି ସାରିଣ କ୍ଷେତ
ଦାନାଦର ଖାଇ ହେଲି ଛଟପଟ,
ହେ ବନ୍ଧୁ ବିଦାୟ !
ମୋ ମନ ଗହ୍ୱର ଯନ୍ତ୍ରଣା ସବୁ, କ୍ଷଣକେ ବୁଝାଅ !

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥି
ଧନୁ ଚାମ୍ପିଆର ମରଣ ଗତି
ଦେଖୁ ଦେଖୁ ସିଏ ପଡ଼ିଲା ଟଳି
ଚିକିତ୍ସକମାନେ କରିଲେ ଗାଳି
ଋଣ ଚିନ୍ତା ତାର ଖାଇଲା ଘୁଣ
ସରକାର ତୁମ୍ଭେ ଏହାକୁ ଜାଣ,
ହେ ବନ୍ଧୁ ବିଦାୟ !
ମୋ ମନ ଗହ୍ୱର ଯନ୍ତ୍ରଣା ସବୁ, କ୍ଷଣକେ ବୁଝାଅ !

କୁହ କୁହ ବନ୍ଧୁ ହେ ପରିଜନ
କିପରି ଚଳିବେ ଏ କୃଷକ ଦୀନ
ଚିନ୍ତା କରୁଅଛେ ବିକାଶ କଥା
ଶୁଣିଲେ ଏହାକୁ ଘୂରଇ ମଥା
ତଥାପି ରହିଛି ଭାଇ ବିକଳ୍ପ
କୃଷି ପାଇଁ ନେବା ଆସ ସଂକଳ୍ପ,
ହେ ବନ୍ଧୁ ବିଦାୟ !
ମୋ ମନ ଗହ୍ୱର ଯନ୍ତ୍ରଣା ସବୁ, କ୍ଷଣକେ ବୁଝାଅ !

Digitized by srujanika@gmail.com

ଉଗ୍ରସେନ ମହାନନ୍ଦିଆ

ଉଗ୍ରସେନ କି କହିଲେ ?
କି କହିଲେ ବୌଦ୍ଧର କୃଷକ
ଋଣଗ୍ରସ୍ତେ ଖାଇଲେ ବି ବିଷ
ମୃତ୍ୟୁ ତା'ର ହେବା ଅସମ୍ଭବ !
ହେଲେ, ମୃତ୍ୟୁ ତା'ର ବାଟ ଓଗାଳିଲା
ଜିଅନ୍ତା ମଣିଷଟା ଶବ ପାଲଟିଲା ।

ଶାନ୍ତ, ସ୍ନିଗ୍ଧ ବୌଦ୍ଧ ଜିଲ୍ଲା ମଧ୍ୟେ
ବ୍ଲକଟାଏ ଅଟେ କନ୍ଧମାଳ
ଖଟଖଟିଆ ଗ୍ରାମଟାରେ ଜନ୍ମ
ବିକଳାଙ୍ଗ ଚାଷୀ ଉଗ୍ରସେନ
ବୟସ ମାତ୍ର ପଇଁଚାଳିଶ
କାହିଁକି ସେ ମଲା ପିଇ ବିଷ ?

ଉଗ୍ରସେନ ପୋଥି କହେ;
ମୃତ୍ୟୁ ମୋତେ ଡାକି ନେଲା
ଋଣ କଥା ପଚାରିଲା
ଉତ୍ତର ନଥିଲା ସନ୍ତୁଷ୍ଟ,
ତେଣୁ ସେ ହୋଇଲା ବିରକ୍ତ
ଧରାଇଲା ମୋର ହସ୍ତେ ବିଷ
ସେ ଥିଲା ପୁଣି କୀଟନାଶକ ।

ମାତ୍ର କେଇ ଟଙ୍କା !
ଜମା ନଅ ହଜାର ଋଣ
ସେଥିପାଇଁ ଗଲା ତା'ର ପ୍ରାଣ
ଏଣେତେଣେ ବୁଲି ବୁଲି
ହୋଇନି ସେ କେତେ ହଇରାଣ ?

Digitized by srujanika@gmail.com

ସ୍ୱଚ୍ଛବୃଷ୍ଟି ।
ତଥାପି ହୋଇଥିଲା ଧାନ,
ଲୋଡ଼ାପୋକ ତାକୁ କଲା ଚଳୁପାନ
ଫସଲହାନୀର କଥା ଜଣାଇଲା ସରକାରେ
କର୍ଣ୍ଣପାତ କଲେ ନାହିଁ କେହି
ବିଷ ନପିଇ ତା'ର ଚାରା କାହିଁ ?

ଚାଷଜମି ପରିମାଣ ତା'ର
ବେଶି ନୁହେଁ, ମାତ୍ର ଏକରରୁ କମ୍
ପୁଣି ସେ କରିଛି ଭାଗ
ଆଉ ଜମି ଚାରି ଏକର ଚାଷ
ଏମିତି ଚଳିଯାଏ ବର୍ଷ ବାରମାସ ।

ଏବର୍ଷ ସଂପୂର୍ଣ୍ଣ ଫସଲ ହାନୀ
ପରିବାର ଚଳାଇବା ନିଶା
ଋଣ ଶୁଝିବାର ପ୍ରଚେଷ୍ଟା
ସବୁ ତାର ହୋଇଗଲା ଚୂନା
ଅଭାବିର କଥା ଚିନ୍ତି ଚିନ୍ତି
ବଞ୍ଚିବାର ଅର୍ଥ ବୁଝିଗଲା
ତେଣୁ ସେ ଆତ୍ମହତ୍ୟା କଲା ।

ଉଗ୍ରପଣେ ଉଗ୍ରସେନ,
ଉଗାଳିଲା କୃଷକଙ୍କୁ ମୁଣ୍ଡରେ ନେଇ
ଉଗ୍ରସେନ ତୁମେ ଆତ୍ମହତ୍ୟା କଲ
ଏଇଟା ଭଲ ହେଲା ନାହିଁ
ଶୁଣ ସୁଧିଜନ ହୋଇ ବୁଦ୍ଧିମାନ
ଯାକୁ ପ୍ରତିରୋଧ କର ଭାଇ ।

Digitized by srujanika@gmail.com

ଅଙ୍ଗଦ ବାରିକ

ପ୍ରିୟମ୍ବଦ ! ହେ ଅଙ୍ଗଦ;
କିକଲ କିକଲ,
ଜାଣିଶୁଣି କୁହ କାହିଁ,
ଆତ୍ମହତ୍ୟା କଲ ?

ମାଟିର ଫସଲ,
ଦେଇଥିଲା ଯିଏ ନେଇ ଚାଲିଗଲା
ଶ୍ରମଟା ତୁମର ବୃଥା ହୋଇଗଲା
ଧୈର୍ଯ୍ୟ ଧରିଲନି;
ନେଇଥିଲା ନିଶ୍ଚେ ଦେଇଥାନ୍ତା
ପୁନଶ୍ଚ ସଂସାର ତୋ'ର ହସିଥାନ୍ତା ।

ହେ ବାରିକ ଅଙ୍ଗଦ,
ବୁଦେଲକାନି ଗ୍ରାମର ସଂପଦ
ଚାଷୀ ତୁମେ ସମ୍ବଲପୁରର
ଜିଲ୍ଲାଟା କାନ୍ଦୁଛି ଆଜି
ତୁମ କଥା ଭାବି ବାରମ୍ବାର ।

ଭାବିଲନି ପିଲାଛୁଆ କଥା
ସ୍ତ୍ରୀ-ବନ୍ଧୁ ପରିଜନ ବ୍ୟଥା
କି କରିବେ ଏବେଟି ସେମାନେ
ଘରେଛନ୍ତି ତୋର ଯେଉଁମାନେ
ଭାବିଥିଲୁ ମୃତ୍ୟୁ ପରେ,
ମହାଜନ ଛାଡ଼ି ଦେବ ଋଣ
ଅନୁକମ୍ପା ହୋଇବେ ସର୍କାର
ଦେଇଦେବେ ମୋଟା ଅଙ୍କ ଟଙ୍କା
ତୋ ପିଲାଛୁଆ ମୁକ୍ତି ପାଇଯିବେ
ସଂଚୟ ଅର୍ଥରେ ଖୁସିରେ ଚଳିବେ ।

ତୁଟା ଅଟୁ ମହାମୁର୍ଖ !
ଏହା କାହୁଁ ପୁରାଇଲୁ ମୁଣ୍ଡେ

Digitized by srujanika@gmail.com

ଉଜୁଡ଼ା ଧାନ କ୍ଷେତରେ, ଦେଖ
ଆଜି ତୋ ଶବଟା ହିଁ ଜଳେ
ଆସିଥିଲୁ, ଚାଲିଗଲୁ, ଦୁଃଖ ନାହିଁ
କିନ୍ତୁ, ତୋର ଏମିତି ଯିବାଟା
ମୋତେ ଜମା ଭଲ ଲାଗୁନାହିଁ ।

ଆରେ ! ତୁମେ ଯଦି ଏମିତି ମରିବ
ମାଟି-ମାଆ କେମିତି ସହିବ
ତୁମେ ପରା ଅଟ ତାର ଅମୃତ ସନ୍ତାନ
ତାକୁ କରୁଥିଲ ସର୍ବଦା ସରସ-ସୁନ୍ଦର
ତୁ ସିନା ଗଲୁ ମରି, ସେ ଆଜି କାନ୍ଦୁଛି
ତୋ କୋମଳ ସ୍ପର୍ଶ ପାଇବାକୁ
ଦେଖ, ସିଏ ବାଉଳୁଛି ।

ଉଧାର, କରଜ, ଋଣ ଚାଷୀର ଭୂଷଣ
ଏଇଟା କେଉଁକାଳୁ ଚାଲୁଛି ଚାଲିବ
ଚାଷ କରେ ଯିଏ, ସେ ଜିଅନ୍ତେ ମରନ୍ତି
ଅନ୍ୟମାନେ ତାଙ୍କୁ ଗୁପତେ ମାରନ୍ତି
ତଥାପି ସେ ହୁଏ ନାହିଁ ବ୍ୟସ୍ତ
ସର୍ବଦା ଚାହେଁ ସଂସାର ରହୁ ସୁସ୍ଥ
ଏକଥା ତୁ ଭଲେ ଜାଣିଥିଲୁ
ଜାଣିଶୁଣି ଆତ୍ମହତ୍ୟା କଲୁ ।

ମନେରଖ;
ଯଦି ତୁ ପୁନର୍ଜନ୍ମ ନେବୁ
ତେବେ, ଚାଷୀକୁଳରେ ଜନ୍ମିବୁ
ତୋ, କଳା କର୍ମର ପ୍ରାୟଶ୍ଚିତ
ତୁ ନିଜେ ହିଁ କରିବୁ
ତାହେଲେ ଯାଇ
ଖୁସିହେବ ଏ ଧରଣୀପେନୁ
ଏ କଥା ତୁ କାହିଁ ବୁଝୁନୁ ?

ପ୍ରିୟମ୍ବଦ ! ହେ ଅଙ୍ଗଦ
ମନେରଖ -
ତୁ ଅଟୁ ମାଟିର ସମ୍ପଦ ।

Digitized by srujanika@gmail.com

ଗୌରହରି ପାତ୍ର

କ୍ଷେତର ଭ୍ରମଣ ସାରି
ବାହାରିଲେ ଗୌରହରି
ଏପାରିରୁ ସେପାରିକୁ ଚାଲି
ସେଠି ଖାଲି ଅଛି କଚାବାଲି ।

ସାଗରପାଲି ଗାଆଁର ଗୌରହରି ପାତ୍ର
ଝରସୁଗୁଡ଼ା ଜିଲ୍ଲାକୁ କଲା ଅପବିତ୍ର
ହିତମୁଣ୍ଡେ ମୁଣ୍ଡଦେଇ କଲା ଆତ୍ମହତ୍ୟା
ପୁନଶ୍ଚ ଫେରିବ ବୋଲି କହୁଛି ଅଗତ୍ୟା ।

ସେଠି ତାକୁ ଲାଗୁନାହିଁ ଭଲ
ହେଉଛି ସିଏ ଭାରି କଲବଲ
ନିକୃଷ୍ଟ ଜମିରେ ଚାଷ ପାରୁ ନାହିଁ କରି
କେମିତି ଚାଷ କରିବ କାହା ହାତ ଧରି
ଶୂନ୍ୟ ଶୂନ୍ୟ ମହାଶୂନ୍ୟ ନାହିଁ ଗଛପତ୍ର
ବିଶ୍ୱଟା ଲାଗୁଛି ତାକୁ ସତରେ ବିଚିତ୍ର ।

ପଶ୍ଚାତାପେ କହୁଛି ସେ ଏକା
ପୃଥ୍ୱୀକୁ ଛାଡି ହେଲି ବଡ଼ ବୋକା
ଜୀବନ ଯେଉଁଠି ଅଛି ଜଞ୍ଜାଳ ରହିଛି
ଜଂଜାଳେ ଜୀବନ ପ୍ରୀତି ବଢ଼ିବି ଚାଲିଛି
ଦୁଃଖ-ସୁଖ, ହାନି-ଲାଭ, ଶାନ୍ତି-ପ୍ରୀତି ବାଣୀ
ଜୀବନ ଜଂଜାଳର ସେ ଅମୂଲ୍ୟ କାହାଣୀ
ଶତ ଚେଷ୍ଟା କଲେ ତାହା ଏଠାରେ ମିଳୁନି
ଆତ୍ମହତ୍ୟାର ମୂଲ୍ୟ ସତରେ ମୁଁ ବୁଝି ପାରିଲିନି ।

Digitized by srujanika@gmail.com

ସ୍ୱର୍ଗର ଭ୍ରମଣ ସାରି
ଫେରୁଛନ୍ତି ଗୌରହରି
ଦେଖୁଛି ସେ -
ପୃଥିବୀଟା ଦିଶୁଛି ସୁନ୍ଦର
ଭୁଲ କଲି ଯାକୁ ଛାଡ଼ିବାର ।
ଯେତେ ସବୁ ଆତ୍ମଘାତୀ ଅଛନ୍ତି ଶୂନ୍ୟରେ
ଚାହୁଁଛନ୍ତି ଆସିବାକୁ ପୁନଃ ପୃଥିବୀରେ
କିନ୍ତୁ ପୃଥିବୀକୁ ଆସିବାଟା କାଠିକର ପାଠ
ଖାତାଖତିୟାନ ସବୁ ନେଇ ଗଲା ଘଟ
ଘଟ ଆଉ ଘାଟେ ନାହିଁ ହେଉ ଏଠି ଘାଣ୍ଟି
ଘଣ୍ଟାକେ ଅନ୍ତରେ ଘଣ୍ଟି ବାଜିଯାଉଥାଇ;
ଗୌରହରି ଶୁଣ ମନଦେଇ
ପୃଥିବୀରେ ଆଉ ତୋର ସ୍ଥାନ ନାହିଁ ।

ନିରୁପାୟ ... !
କେତେ ଦିନ ବୁଲିବି ଶୂନ୍ୟରେ
ପବନର ଶବ୍ଦ ମୁଁ ଯେ ବାରିପାରେ
ହେଲେ ପୃଥିବୀକୁ ଛାଡୁ ନାହିଁ ମୋତେ
ସେ ମୂର୍ଖ, ଅହଂକାରୀ ରୋଷେ
ବିଷ ସଂଗେ ଯୁଦ୍ଧ କରି ଥକି ସେ ପଡ଼ିଲା
ବାଧ୍ୟ ହୋଇ ମୋର ଶରୀର ଛାଡ଼ିଲା
ଅନୁରୋଧ କରିବାକୁ ଲଜ୍ୟା ଲାଗେ ପବନକୁ
ତେବେ କୁହ ବନ୍ଧୁ -
ମୁଁ କିପରି ଆସିବି ପୁନଃ ପୃଥିବୀକୁ ?
କ୍ଷେତର ଭ୍ରମଣ ସରିଛି ଗୌରହରି
ଆସିଲେ ବି ତୁ ହେବୁ ଅଦରକାରୀ
ତପସ୍ୟା କର ଶୂନ୍ୟେ ବସି ନିତି
ବଦଳି ପାରେ ଦିନେ ତୁମର ନିୟତି ।

Digitized by srujanika@gmail.com

ପାଣ୍ଡବ ଭୋଇ

ଆସିଛି ମୁଁ ଛାଡ଼ି ମୋ ଗାଆଁକୁ ଭାଇ
ବୁଲେ ଶୂନ୍ୟେ ଏକା ହୋଇ
ସମ୍ବଲପୁରର ରେଙ୍ଗାଲି ମୋ ଗାଆଁ
ମୋ ନାମ ପାଣ୍ଡବ ଭୋଇ ।

ଆତ୍ମହତ୍ୟା ମଜା ପାଉଛି ମୁଁ ସଜା
କି କଲି କି କଲି ଭାଇ
ଏକା ବୁଲି ବୁଲି ଥକି ପଡ଼ିଲିଣି
ଜ୍ଞାତି-କୁଟୁମ୍ବ ମିଳନ୍ତି ନାହିଁ ।

କାହା ମୁଖ ଦେଖି ବଞ୍ଚିବି ଏଠାରେ
ସଭିଁଏ ଏଠାରେ ଭୂତ
ଅତୀତର ସ୍ମୃତି ପଡୁ ନାହିଁ ଯତି
ହେଉ ସର୍ବେ ଅସ୍ତବ୍ୟସ୍ତ ।

ଭାବୁଛି ଗାଆଁକୁ ଫେରିଯିବି ମୁହିଁ
ହେଉ ଯେତେ ମୋତେ କଷ୍ଟ
ସାଥି ସଂଗତରେ ଜମିରେ ଖଟିବି
ଋଣ ଶୁଝି ହେବି ତୁଷ୍ଟ ।

ଶରୀରର ମୂଲ୍ୟ ପାରିଲିନି ବୁଝି
ବୃଥା କଲି ଆତ୍ମହତ୍ୟା
ଶରୀର ବିନୁ ମୋ ଆତ୍ମା କାନ୍ଦୁଅଛି
ରକ୍ଷାକର ପଞ୍ଚସଖା ।

ମୋ ଜମିର ଫଳ ମୁଁ ଏଠି ଭୋଗୁଛି
କେଡ଼େ ଏ ବିଶାଳ ଜନ୍ତା
ଇଚ୍ଛାବଳେ ମୁହିଁ ଏଠାକୁ ଆସିଛି
ଧିକ୍ ଧିକ୍ ନରହନ୍ତା ।

Digitized by srujanika@gmail.com

ଯିଏ ବା ଯେଉଁଠି ଅଛ ଚାଷୀଭାଇ
କରନି ହେ ଆତ୍ମହତ୍ୟା
ମାଟିରେ ତୁ ଜନ୍ମ ମାଟିର ସନ୍ତାନ
ଖଟି କମାଇବୁ ପୁଣ୍ୟ ।

ଡ଼ର ନାହିଁ ଭାଇ କର ଚାଷ ଯାଇ
କ୍ଷେତ ତୋ ଜୀବନ ପ୍ରାଣ
ଅଭାବ କଷଣ ଦୂରେ ଠେଲି ଦେଇ
ଛାଡ଼ ମହାଜନୀ ଋଣ ।

ସରକାରୀ କଳ ଦିଅ ତାକୁ ବଳ
ବୁଝିବ ସେ ଆମ କଥା
ସଇନିକ ଭଳି କ୍ଷେତରେ ମାତିଲେ
ଦେଶରୁ ହଟିବ ବ୍ୟଥା ।

ଉନ୍ନତ ମାନର ଚାଷ ତୁ କରିବୁ
କୌଳିକ ବୃତ୍ତିକୁ ଛାଡ଼ି
ଯେଉଁ ସ୍ଥାନେ ଯେଉଁ ଫସଲ ହୋଇବ
ତାକୁ କରୁଥିବୁ ତୁହି ।

ସୁଖେ ପରିବାର ଚଳିବ ତୋହର
ପ୍ରସନ୍ନ ହେବ ସଂସାର
ପୁଣ୍ୟ ପୃଥିବୀରେ ଧନ କମାଇବୁ
ଦେଖୁଥିବେ ନିରାକାର ।

ଏତିକି ମିନତି ଆରେ ଆତ୍ମଘାତୀ
ଚିନ୍ତା ଚେତନାକୁ ଯାଗ
ପାଣ୍ଡବ ଭୋଇଟା କରୁଛି ଗୁହାରୀ
ପ୍ରଭୁ ପାଦେ ରଖ ଯୋଗ ।

Digitized by srujanika@gmail.com

କୁଶଧ୍ୱଜ ମାଟି

କିଏ ତୁମେ ... ?
କୁଆଡ଼େ ବା ଅଛ;
କାହିଁକି ଡାକୁଛ ମୋତେ ଉଚ୍ଚ ସ୍ୱରେ
କିବା ପ୍ରୟୋଜନ ଅଛି ବା ମୋଠାରେ
ବାରମ୍ୱାର ବ୍ୟସ୍ତ କର ମନ
କୁହ ବନ୍ଧୁ, ନିର୍ବିଘ୍ନରେ କୁହ,
ଥରେ ଦେଖାଦିଅ ।

ଓ ... ହୋ ... !
ତୁମେ କୁଶ ଧ୍ୱଜ
ଏବେ ବି ତୁମଠାରେ ଅଛି ସେହି ତେଜ
ତୁମେ ପରା କରିଥିଲ ଆତ୍ମହତ୍ୟା
ଏଇଟା କ'ଣ ତୁମର ପ୍ରେତାତ୍ମା ?

ହଁ ... ହଁ ... ମୁଁ କୁଶଧ୍ୱଜ ପ୍ରେତ,
କହୁଚି ଧ୍ୟାନ ଦେଇ ଶୁଣ ମୋର ମିତ୍ର
ତରବୋଡ଼ ଗାଆଁର ମୁହିଁ ଥିଲି ଚାଷୀ
ନୂଆପଡ଼ା ଜିଲ୍ଲା ମାଟିର ସନ୍ୟାସୀ
କାହିଁ କଲି ଆତ୍ମହତ୍ୟା -
ଗୋଟି ଗୋଟି କହୁଚି ସେ କଥା ।

ମାଝିକୂଳେ ଜନ୍ମହୋଇ କରୁଥିଲି ଚାଷ
ଚାଷ ହିଁ ଥିଲା ମୋ ଜୀବନ ସର୍ବସ୍ୱ
ଖଟୁଥିଲି ପିଲାଛୁଆ ସ୍ତ୍ରୀର ସଂଗତେ
ଅଭାବେ ଭାବକୁ ଭାବିଣ ଜଗତେ
ଅଭାବର ସୀମା ଟପି ଋଣ ବଢ଼ିଗଲା
କ୍ଷେତ ଫସଲଟା ପୁଣି ସବୁ ନଷ୍ଟ ହେଲା
କେମିତି ବା ବାହିଥାନ୍ତି ସଂସାରର ନାବ

Digitized by srujanika@gmail.com

ମହାଜନ ଘରେ ଆସି କଲା ପ୍ରାର୍ଦ୍ଦୁଭାବ
ଉପାୟ ନପାଇ ମୁହିଁ କଲି ଆତ୍ମହତ୍ୟାର
ହେ ବନ୍ଧୁ ! ମରିବାକୁ ମୋର ନଥିଲାଟି ଇଚ୍ଛା
ଶରୀରଟା ମଲା ସିନା ଆତ୍ମା ମରିନାହିଁ
ଏଠି ମୋ କଥା କେହି ଶୁଣୁ ନାହିଁ
ତୁମେ ବଂଧୁ, ମୋ କଥାକୁ କୁହ କଲମରେ
ଚାଷୀ ଆତ୍ମହତ୍ୟା ନ କରନ୍ତୁ ସଂସାରେ ।

କି କହିଲ କୁଶଧ୍ୱଜ ମାଝି ... ?
ମରିନା ବଞ୍ଚିଛ ତୁମେ ମୁଁ କହୁଛି ଆଜି
ତୁମ କଥା ଲେଖି ଇଚ୍ଛା ପୂରଣ କରିବି
ସରକାରଙ୍କୁ ତୁମ ଶ୍ୱେତପତ୍ର ନିଜେଯାଇ ଦେବି
ଯାଅ ତୁମେ, ଦେଉଚି ମୁଁ ଆଜ୍ଞା ।

ଶୁଣ ଶୁଣ ସରାକର କୁଶଧ୍ୱଜ କଥା
ତୁରନ୍ତ ବଦଳାଅ କୃଷିର ବ୍ୟବସ୍ଥା
ମହାଜନୀ ଋଣ ପ୍ରଥା କର ପରିହାର
ସରଳ କୃଷିଋଣ ଦିଅ ହେ ଚଞ୍ଚଳ
କୃଷି ବୀମା ଲାଗୁ କର ସବୁ ପଞ୍ଚାୟତେ
ପ୍ରୋତ୍ସାହନ ଦେଲେ ଚାଷୀ ଉତ୍ସାହିତ ହେବେ
ଗଡ଼ିଆ ଖୋଳ ପର୍ଯ୍ୟାପ୍ତ ମାଛଚାଷ ପାଇଁ
ଗୋପାଳନ ବିନୁ ଅନ୍ୟଗତି କିଛି ନାହିଁ
ଚାଷ ପାଇଁ ଚାଷୀଙ୍କର ଜ୍ଞାନକୁ ବଢ଼ାଅ
କ୍ଷେତରେ ଯାଇ ଚାଷୀଙ୍କୁ ପ୍ରଶିକ୍ଷଣ ଦିଅ
ଚାଷ ପାଇଁ ରାଜାକୋଷ କରିଦିଅ ଖାଲି
ଜଳ-ଜମି-ଜଙ୍ଗଲ ସବୁ ତାକୁ ଦେଇ
ତେବେ ଯାଇ ଶାନ୍ତ ହେବ କୁଶଧ୍ୱଜ ଆତ୍ମା
ନହେବ ରାଜ୍ୟରେ ପୁନଃ ଚାଷୀ ଆତ୍ମହତ୍ୟା ।

Digitized by srujanika@gmail.com

କାର୍ତ୍ତିକ ମହାକୁର

ଆରେ .... ରେ .... ରେ ... !
କାର୍ତ୍ତିକାଟା ଗଲାଣି ତ ମରି
ଚାଲଯିବା ଦେଖିବାକୁ ତାକୁ
ତା ଗାଆଁ ବାଘମାରି ।

ଜିଲ୍ଲାଟା ସୁବର୍ଣ୍ଣପୁର
ବୀରମହାରାଜପୁର ବ୍ଲକ ଅଧିବାସୀ
କାର୍ତ୍ତିକ ମହାକୁର ଥିଲା ଗୋଟେ ଚାଷି
ବୟସଟା ତାକୁ ନୁହେଁ ବେଶି
ଋଣଭାରେ ସେ ବି ହେଲା କସି
ବିଷ ପିଇ ମଲା ହୋଇ ଖୁସି ।

କହନ୍ତି ତା ଗାଆଁ ଲୋକେ
ଭାଙ୍ଗିଦେଲା ପ୍ରଶାସନ
ଗାଆଁର ଧୋବାମୁଣ୍ଡା ବଂଧ
ଭୟରେ ସେ ହୋଇଗଲା ଅଂଧ
ତଳମୁଣ୍ଡେ ଥିଲା ଚାଷଜମି ତାର
ସବୁଜ ଧାନ କ୍ଷେତ ହେଲା ବାଲିଚର
ଶ୍ରମ ଗଲା, ଧାନ ଗଲା, ଜମି ଗଲା
ଏବେ ସେ କରିବ କିସ
ଏଇ କଥା ନିତି ନିତି ଦିନରାତି
ଭାବି ଭାବି ମତୁଆଲା ହେଲା
ଋଣ ଚିନ୍ତା ମୁଣ୍ଡକୁ ଖାଇଲା
ତେଣୁ ସେ ଆତ୍ମହତ୍ୟା କଲା ।

Digitized by srujanika@gmail.com

ବଞ୍ଚି ସେ'ବା କରିଥାନ୍ତା କିସ
ଋଣ ଶୁଝିବାକୁ ତ ନଥିଲା ସାମର୍ଥ୍ୟ
ଜମିରୁ ବାଲି କାଢ଼ିଥାନ୍ତା କେତେ
ପରିବାର କଥା କିଏ ବା ପଚାରେ
ଯା ଭିତରୁ ସହଜ ବାଟଟା ବୋଧେ
ଥିଲା ତା'ର ବିଷପାନ
ଆନନ୍ଦେ କଲା ସେ ସ୍ୱର୍ଗକୁ ଗମନ ।

କାହିଁକି ବା ସଢ଼ିଥାନ୍ତା ଏଠି
କିଏ ବା ଶୁଣିଥାନ୍ତା ତା'ର କଥା
ନେତା, ପ୍ରଶାସନଙ୍କ ଆଶ୍ୱାସନେ
ପୁରିଥାନ୍ତା କ'ଣ ତାଙ୍କ ପେଟ
ଗଲା ସେ ଭଲ କଲା
ସବୁ ଜଂଜାଳୁ ମୁକ୍ତି ତ ପାଇଲା
ଆତ୍ମହତ୍ୟା ପର୍ବ -
ଯଦି ହୋଇବ ସଫଳ,
ତେବେ ଅନୁକମ୍ପା ଅର୍ଥ
କିଛି ମିଳିଯାଇ ପାରେ
ସରକାର ଯଦି କିଛି କରେ ।

କିଛି ମିଳୁ ବା ନମିଳୁ
ଯଦି ସରକାର ନୀତି ବଦଳିବ
ନୂଆ ନୂଆ ନିୟମ ହୋଇବ
କୃଷିରେ ନୂତନ ସଂସ୍କାର ଆସିବ
ତେବେ ରେ କାର୍ତ୍ତିକ -
ତୋ ଆତ୍ମହତ୍ୟା ସାର୍ଥକ ହୋଇବ
ଅବଶ୍ୟ ଏଥିରେ ସର୍କାର ଚେତିବ
ବେଶି ବି ନ ହେଲେ -
କିଛିଟା ନିଶ୍ଚିତ କରିବ ।

Digitized by srujanika@gmail.com

ମହର୍ଷିଏ ନାରଙ୍ଗ

ଠିଆ ପୁଚି ନାରଙ୍ଗ
ଗୋଡ଼ ଦିଇଟା ସାରଙ୍ଗ
ଧାନ କ୍ଷେତକୁ ଯାଇଥିଲି
ବିଷ ପିଇକି ଆସିଥିଲି
କେହିଟି ନ ହେଲେ ସାହା
ରକ୍ଷା କର ଚଉବାହା ।

ହେମଗିରି ଗାଆଁ ସରଗପୁରୀ
ସୁନ୍ଦରଗଡ଼ର ବଡ଼ ସୁନ୍ଦରୀ
ବୃକ୍ଷଲତା ଚତୁପାର୍ଶ୍ୱେ ଘେରିଛି
ଏମନ୍ତ ଭୂଇଁରେ ଜନମ ନେଇ
ଆତ୍ମହତ୍ୟା କରି ବୃଥା ମରିଲି ।

ମହର୍ଷିଏ ନାରଙ୍ଗ ମୋହରି ନାମ
ଚିନ୍ତାରେ ବୁଦ୍ଧି ମୋ ହୋଇଲା ବାମ
ଉଜୁଡ଼ା କ୍ଷେତରେ ଫସଲ ଦେଖି
ଋଣଭାରେ ସଦା ହୋଇଲି ଚିନ୍ତି
ଶୁଝିବା କ୍ଷମତା ନଥିଲା ମୋର
ସବୁଠିଁ ଖାଇଲି ମୁହିଁ ପ୍ରହାର
କହ ଭାଇ ଆଉ ମୁଁ କି କରିଥାନ୍ତି
ନମରି ସଂସାରେ କାହିଁ ବଞ୍ଚିବି ଥାନ୍ତି ?

ଖଟି ଖଟି ମରୁଥିଲି କ୍ଷେତରେ
ଏବେ ମୁଁ ରହିଛି ଭାରି ଦୁଃଖରେ
କେହି କିଛି ମୋତେ କହୁ ନାହାନ୍ତି
ଶରୀର ଥିଲେ ଜଂଜାଳ ରହିଛି
ପୃଥିବୀର ଭାର ବଢ଼ିଚାଲିଛି

Digitized by srujanika@gmail.com

ମାଟିରୁ ଜନମି ମାଟିରେ ମରି
କିଏ ବା ବଞ୍ଚୁଛି ଯୁଗଟା ଧରି
ଆଜି ନ ହେଲେ ବି କାଲି ମରିବ
ସଢ଼ି ସଢ଼ି ପୁଣି କାହିଁ ମରିବ
ତାହାଠାରୁ ଭାଇ ଏ ନୁହେଁଟି ଭଲ
ଆତ୍ମହତ୍ୟା କେବେ ନ କରିବାର ।

ଦୁର୍ବଳ ମନର ନିର୍ବଳ କାର୍ଯ୍ୟ
ମରେ ସେ ଯାହାର ନାହିଁଟି ଧୈର୍ଯ୍ୟ
ମଣିଷରେ ହୁଏ ନାହିଁଟି ଗଣା
ପାଇବାକୁ ଚାହେଁ ସଦା କରୁଣା
ଠକିବାକୁ ସିଏ ଆସିଣ ଥିଲା
ଠେକି ପାଣି ପିଇ ସେ ଚାଲିଗଲା
ପଶୁ କି ମଣିଷ ତୁମେଟି କୁହ
ଆତ୍ମହତ୍ୟା ଭାଇ ଭଲଟି ନୁହଁ ।

ଆସିଛନ୍ତି ଯେତେ ମରି ସରଗ
ଅଧିକ ଭୋଗୁଛୁ ଆମେ ନରକ
ଆମେ ହତ୍ୟାକରୀ ହରିଛୁ ପ୍ରାଣ
ତିନି ପୁରେ ନାହିଁ ଆମକୁ ତ୍ରାଣ
ଯୁଗ ଯୁଗ ଧରି ପାଇବୁ କଷ୍ଟ
କେହି ବୁଝନ୍ତି ନି ଆମରି ଦୁଃଖ
ଯାଇଥିଲୁ ଯେଉଁ କାର୍ଯ୍ୟରେ ମର୍ତ୍ତ୍ୟ
ପୂର୍ଣ୍ଣ କରିପାରିଲୁନି ତା ସର୍ତ୍ତ
ମନୁଷ୍ୟ ଜନମ ପାଇବୁ କେବେ
ଅଧୁରା କାର୍ଯ୍ୟ ପୁରା କରିବୁ ତେବେ
ପ୍ରଭୁ ହେ ଆତ୍ମହତ୍ୟା ବୁଦ୍ଧି ନଦିଅ ନରେ
କଷ୍ଟ ହେଉ ପଛେ ସେ ରହୁ ମର୍ତ୍ତ୍ୟରେ ।

Digitized by srujanika@gmail.com

ବିଦ୍ୟାଧର ବାଗ୍

ଦେଖେଇ ଶିଖେଇ ଯେତେ କହୁନ
ମନ ଆଣ୍ଠକରି ସବୁ ସହୁନ
ତୁମ କଥାକୁ ବା ଶୁଣିବ କିଏ
ଖାଲି ମୁଁ ନୁହେଁ ମ ... ।
କାଲିକି ମରିବ ତୁମେ ରହୁନ ।

ଖୁସିରେ କହୁଛି ବିଦିଆଁଧର
ମୋ ଜମିକୁ ଟିକେ ରଖ ନଜର
ଖପ୍‌ସାଡେରାର ହେ ପ୍ରିୟବର
ଧନ୍ୟ ଧନ୍ୟ ମାଟି ସମ୍ବଲପୁର
ଅଛନ୍ତି ସେଠାରେ ମୋ ପରିବାର
ତାଙ୍କୁ ରଖିଥିବ ଟିକେ ନଜର ।

କୃଷିର ମର୍ଯ୍ୟାଦା କୃଷକ ଜାଣେ
ତେଣୁ ସେ ଶ୍ରଦ୍ଧାରେ ମନକୁ କିଣେ
ଦିଏନା କାହାକୁ କେବେଟି ଦୋଷ
ଜମିରେ ଖଟଇ କରି ଆତ୍ମସନ୍ତୋଷ
କ୍ଷେତରେ କୋଳଥ, ମାଣ୍ଡିଆ, ଧାନ
ରାତିରେ ଦେଖଇ ନିତି ସପନ
ସପନେ ଗୋପନେ ନିରତେ ହସେ
କ୍ଷେତର ଶୋଭାକୁ ବିଶ୍ୱେ ପରଶେ
ତୁମେ କାହିଁ ମନେ କରୁଛ ଦୁଃଖ
ଯାହା ଶିଖିବାଟା ମୋଠାରୁ ଶିଖ ।

ମରିନି ମୋ ପାଇଁ ମୁହିଁ
ଜାଣିରଖ, ଚେତାଇବାକୁ ତୋରେ
କେମିତି କରିବୁ କୃଷି,
ଶୁଣ, ଭାଇ ହେ କ୍ଷେତରେ ?

ମୋର ମୋର ବୋଲି ଯେଉଁ ଜମିକୁ କହୁଛୁ
ସର୍କାର ତାହାର ମାଲିକ ତୁହିକି ଜାଣିଛୁ
ତୁରେ ଖାଲି ଅଟୁ ମାର୍ଫତଦାର

Digitized by srujanika@gmail.com

ତୋ ଜମି ପଟ୍ଟାକୁ ଦେଖି କରହେ ବିଚାର
କୁର୍ସିରେ ବସିଛି ଯିଏ ସିଏ ସରକାର
ଜମିରେ ଖଟୁଛି ଯିଏ ସେ ବି ସରକାର
ସରକାରୀ ଜମି, ସରକାରୀ ଘର
ତୁମେ ମର ଖାଲି ହୋଇ ହରବର ।

ତେବେ ଫରକ ବା କିସ .... ?
ଶୁଣ ଶୁଣ କହୁଛି ମୁଁ ଆସ ।

ଥଣ୍ଡା ଘରେ ବସି କଲମେ କାଗଜ ଚଷିବା
ପ୍ରଚଣ୍ଡ ଖରାରେ ଲଙ୍ଗଳେ ମାଟିକୁ ଚିରିବା
କାରଖାନେ ଯନ୍ତ୍ରକୁ ଚାଳନ କରିବା
ରାସ୍ତା ଘାଟେ ମୁଣ୍ଡେ ବୋଝ ଉଠାଇବା
ଯିଏ କରେ, ସିଏ ଜାଣେ -
ହାନି ତାଙ୍କ କେବେ ନାହିଁ, ଲାଭ ଖାଲି ଲାଭ
ତାଙ୍କ ପାଇଁ ସର୍କାର ସର୍ବଦା ଜାଗ୍ରତ,
ଆଉ ତୁମେ ସବୁ ଅଟ କ୍ରୀତଦାସ ।

ରାଜକୋଷ ଅଶିଭାଗ ଯାଏ ତାଙ୍କ ଦରମାରେ
ଆମେ ଖଟି ମରୁଥାଉ ନିତି ଉପାସ ଭୋକରେ
ଗଣତନ୍ତ୍ର ନାମେ ଆମ୍ଭେ ଲୁଟି ହେଉଥାଉ
ଭଙ୍ଗାଘରେ ଛିଣ୍ଡା ପିନ୍ଧି ନିତି ସଢୁଥାଉ ।

କ୍ଷମତାକୁ ଦେଇ ଯାଙ୍କୁ ଛାଡୁ ସଂସଦକୁ
ଆଗେ ଆସି ସିଏ କାଟେ ଆମରି ଭାତକୁ
ଆମେ ଜମିରେ ଖଟିବୁ, ଆମ ଜମି ସବୁ ନିଅ
କିନ୍ତୁ ମାସକୁ ମାସ ସର୍କାର ଆମକୁ ଦରମା ଦିଅ ।

ଦରକାର ଆମକୁ ରହିବାକୁ ଘର
ଆମେ ବି ଟିକସ ଦେବୁ ଶୁଣ ସରକାର
ଆମେ ଏଠି ନିତି ନିତି ଆତ୍ମହତ୍ୟା କରୁ
ରାଜଧାନୀରେ ବସି ନେତା କଥା କହେ ସରୁ
ହେ ଭାଇ, ତୁମେ ଯାକୁ ମନ ଦେଇ ଶୁଣ
ଅଧିକାର ପାଇଁ ତୁମେ ପ୍ରାଣପଣେ ଲଢ଼
ତେବେ ଯାଇ ସଫଳ ହେବ ମୋର ଆତ୍ମହତ୍ୟା
ସ୍ୱର୍ଗରେ ବସି ବିଦିଆ କରୁଛି ତପସ୍ୟା ।

Digitized by srujanika@gmail.com

ବାଞ୍ଛାନିଧି ପ୍ରଧାନ

ଚିତ୍କାର କରୁଛ କାହିଁ
ମିଥ୍ୟା ପ୍ରଚାରରେ ......
ଆତ୍ମହତ୍ୟା କରି ନାହିଁ ମୁହିଁ
ଶୁଣ ନେତା - ଅଭିନେତା
ଯିଏ ଅଛ ଯେଉଁଠାରେ ।

ବୟସ ମୋ ପଞ୍ଚସ୍ତରି
ଶ୍ରୀରାମଚନ୍ଦନପୁର ମୋ ଗାଆଁ
ଗଂଜାମ - ସାନଖେମୁଣ୍ଡି
ବାଞ୍ଛାନିଧି ପ୍ରଧାନ ମୋ ନାଆଁ
ଶୁଣ ଆତ୍ମହତ୍ୟା କରିଲି ମୁଁ କିଆଁ ।

ବନ୍ୟା, ବାତ୍ୟା, ମରୁଡ଼ି ବଡ଼ କଥା ନୁହେଁ
ଏବେ ତାହା ନିୟନ୍ତ୍ରଣେ ଅଛି
କାରଣ ଦେଶରେ ଯୋଜନା ବହୁତ ଚାଲିଛି
କ୍ଷତି ନୁହେଁ ଲାଭ କମାଉଛି
କିନ୍ତୁ ବ୍ୟତିକ୍ରମେ ବ୍ୟବସ୍ଥା ଚାଲିଛି
ଇଂରେଜ ଶାସନ ନୀତି ଜାବୁଡ଼ି ଧରିଛି
ଫାଇଲକୁ କଷି କଷି ବୁଢ଼ା ହେଉଛନ୍ତି
ଲାଭ ଛାଡ଼ି କ୍ଷତି ସହୁଛନ୍ତି
ଆମର ଅଶିଭାଗ ଆୟ ସିଏ ଖାଉଛନ୍ତି
ନାଭିରେ ତେଲ ମାରି ବ୍ୟୋମଯାନେ ବୁଲୁଛନ୍ତି ।

ଆମେ ସବୁ ଡ଼ରିମରି ଜମିରେ ଖଟୁଛେ
ନିର୍ବାଚନ ବେଳେ ମଦ ବୋତଲେ ନାଚୁଛେ
ନେଇ ନେଇ ହେଲେ ନେତା-ମନ୍ତ୍ରୀ

Digitized by srujanika@gmail.com

ଚାଷୀ କଥା ଗୋଳିମାର ଚଳାଇଛନ୍ତି ବିଦେଶନୀତି
ଚାଷୀ ଚାଷ ନଷ୍ଟ କଥା ଛାଡ଼
ଏବେ ତାଙ୍କୁ ଗୋଡ଼େଇ ଗୋଡ଼େଇ ମାର ।

ଲୋକସଭା, ବିଧାନସଭାରେ ହାଉ ହାଉ
ନିଅଣ୍ଟିଆ ବଜେଟରେ ଦରଦାମ୍ ବାଉ
ବିକାଶ ଯୋଜନା ଖାଲି ଅଟକଳେ ରହୁ
ଚାଷୀ କଥା ସବୁ ଗଲେ ପଛେ ଚୁଲିକୁ ଯାଉ ।

ଶୁଣ, ଅଶି ଭାଗ ଲୋକ ତୁମେ ଚାଷୀ
ଆମ ଆୟ ନେଇ ଦରମା ଦିଅନ୍ତୁ କସି
ବେକାରୀ ଭତ୍ତା-କୃଷିଭତ୍ତା ନୁହେଁ
କ୍ଷେତରେ ଚାଷୀର ଦିନ ମଜୁରୀ ନୁହେଁ
ସେ ବି ମାସିକ ଦରମା ନେବାକୁ ଚାହେଁ ।

କାମ ଦେଖି ତାକୁ ମାସିକ ଦରମା ଦିଅ
ତିନି ହଜାର - ପାଞ୍ଚହଜାର - ଦଶହଜାର
ତା କୃଷି ଆୟକୁ ତୁମେ ମାଗଣାରେ ନିଅ
ଚାଷ ପାଇଁ ଆବଶ୍ୟକ ଚିଜ ତାକୁ ସର୍କାର ଦିଅ ।

ଲାଭ-କ୍ଷତିର ଭରଣା ସର୍କାର କରିବେ
କ୍ଷେତର କୃଷକ
କର୍ମଚାରୀ ଭାବେ ଗଣାହେବେ
ସମୁହ ବିକାଶ ନିଶ୍ଚିତ ହୋଇବ
ରାଜା-ପ୍ରଜାର ପ୍ରଭେଦ ନରହିବ
ସିଏ ଆମ ସର୍କାର ହୋଇବ
ଯିଏ ଏହା କରି ଦେଖାଇବ
ନ ହେଲେ ମୋ ଆତ୍ମହତ୍ୟାର ମୂଲ୍ୟ
ହେ ବଂଧୁ ବେକାର ହୋଇବ ।

Digitized by srujanika@gmail.com

କୈଳାସ ପଣ୍ଡା

କୈଳାସ ପଣ୍ଡା ମୁଁ କହୁଛି
ଗଂଜାମ ଜିଲ୍ଲାର ଗଙ୍ଗାପୁରେ ମୁହିଁ ରହୁଛି
ଋଣ ବୋଝ ଆଉ ମରୁଡ଼ି ଚିନ୍ତାରେ
ଖାଲି ଦିନରାତି ଘାରି ହେଉଛି
ପରିବାର ପୋଶି ପାରିବିନି ଆଉ
ହୃଦ୍‌ଘାତେ ମୋ ମୃତ୍ୟୁ ହେଉଛି;
କୈଳାସ ପଣ୍ଡା ମୁଁ କହୁଛି ।

ଉଜୁଡ଼ିଲା ସବୁ ଫସଲ କ୍ଷେତ ମୋ
କହିବି କାହାକୁ ଭାବୁଛି
କେ ଶୁଣିବ ମୋର ଅନ୍ତର ବେଦନା
ଯେତେ କଷ୍ଟ ମୁହିଁ ପାଉଛି
ଭାବଗ୍ରାହୀ ତୁମେ ଅଭାବ କରିଛ
ତୁମର ପାଶେ ମୁଁ ଯାଉଛି;
କୈଳାସ ପଣ୍ଡା ମୁଁ କହୁଛି ।

ଶୁଣ ସରକାର ଅଫିସର ଦଳ
ଯାହା ମୁଁ ମନରେ ଭାବୁଛି
ନେତା-ମନ୍ତ୍ରୀଗଣ ବିରୋଧୀମାନଙ୍କୁ
ଚାଷିକୂଳ କଥା ଗାଉଛି
ବ୍ୟବସ୍ଥାର ନାମେ ଲୁଟନାରେ ଭାଇ
ତୁମକୁ କି ଶୋଭା ପାଉଛି;
କୈଳାସ ପଣ୍ଡା ମୁଁ କହୁଛି ।

ଚାଉଳ, ଗହମ ବ୍ୟବସ୍ଥା କରିଲେ
କୃଷିର ଉନ୍ନତି କେବେ କି ହେଉଛି
ସରକାରୀ ଋଣ ଛାଡ଼ କରିଦେଲେ
କେତେ ଚାଷି ତା ସୁବିଧା ପାଉଛି
ସ୍ଥାୟୀ ପ୍ରତିକାର ଚାଷେ ଦରକାର
ଚାଷିକୂଳ ତାକୁ ଚାହୁଁଛି;
କୈଳାସ ପଣ୍ଡା ମୁଁ କହୁଛି ।

Digitized by srujanika@gmail.com

ଜମିକୁ ପରଖ ପଞ୍ଚାୟତ ଓ୍ୱାରି
କୃଷି ଅଧିକାରୀ କର ନିଯୁକ୍ତି
ଚାଷୀ ନେଇ ଚାଷ ଦେଉ ସିଏ ବାସ
ଯାହାକୁ ଯେମନ୍ତ ସହୁଛି
କର୍ମଚାରୀ ଭାବେ ଖଟାଇ ଚାଷୀଙ୍କୁ
ଦରମା ସଂଗେ ପେନ୍‌ସନ୍ ଦେଇକି
କୈଳାସ ପଣ୍ଡା ମୁଁ କହୁଛି ।
ସରକାର ଯେବେ ଅକ୍ଷମ ରହୁଛି
କମ୍ପାନୀମାନଙ୍କୁ ମୁଁ କହୁଛି
ଶିଳ୍ପ ପାଇଁ ଜମି ନେଉଛି ଯେମିତି
କୃଷି ପାଇଁ ନିଅ ସେମିତି
କର୍ମଚାରୀ ଭାବେ ଚାଷୀଙ୍କୁ ଖଟାଅ
ଲାଭ ପାଇଁ ଲାଭ ଦେଇକି
କୈଳାସ ପଣ୍ଡା ମୁଁ କହୁଛି ।
ଶିକ୍ଷା-ସ୍ୱାସ୍ଥ୍ୟ ସବୁ ଘରୋଇ ହେଲାଣି
କୃଷି ନ ହେବ ବା କାହିଁକି
ୟୁନିଟ୍ କରି କମ୍ପାନୀ ନ ନେଲେ
ଭୂମଣ୍ଡଳୀକରଣର ମୂଲ୍ୟ ନାହିଁଟି
ବୁଦ୍ଧି ନାହିଁ ଯଦି ଶୁଣ ହେ ସର୍କାର
ମୋ ବୁଦ୍ଧି ତୁମକୁ ମୁଁ କହିଦେଉଛି
କୈଳାସ ପଣ୍ଡା ମୁଁ କହୁଛି ।
ୟାକୁ ଯଦି ତୁମେ କରି ଦେଖାଇବ
କୃଷିକୁ ଶିଳ୍ପର ମାନ୍ୟତା ଦିଅଟି
ଚାଷୀ ଖୁସି ହେବ ଦେଶ ବି ହସିବ
ଦେଖି ବିଦେଶୀ ଚକିତ ହେବେଟି
ସ୍ୱର୍ଗପୁରେ ରହି ଏତିକି ପ୍ରାର୍ଥନା
ସବୁ ଏମ୍.ପି.ଏମ୍.ଏଲ୍.ଏ. ଙ୍କୁ କରୁଛି
କୈଳାସ ପଣ୍ଡା ମୁଁ କହୁଛି ।

Digitized by srujanika@gmail.com

ଗୁବୁରି ପ୍ରଧାନ

ଶୁଣ ଶୁଣ ଭାଇ ଶୁଣ
କହେ ଗୁବୁରି ପ୍ରଧାନ ।

ରାଜକିଶୋରପୁର ପହରାବାଡ଼ି ମୋ ଘର
ଗଂଜାମ ଜିଲ୍ଲା ଚିକିଟି ବ୍ଲକରେ ଥିଲା ଚାଷ ମୋର
କରୁଥିଲି ଚାଷ ସବୁ ହେଲା ନଷ୍ଟଭ୍ରଷ୍ଟ
ଅସହ୍ୟ ହୋଇ ହୃଦ୍‌ଘାତେ ମୃତ୍ୟୁହେଲା ସତ;
ସତରେ ଚାଷୀର ଜୀବନ ବିଚିତ୍ର ।
ଶୁଣ ଶୁଣ ଭାଇ ଶୁଣ
କହେ ଗୁବୁରି ପ୍ରଧାନ ।

ରୁଗ୍‌ଣ ମନେ ତୁମେ ଭାଇ କରନାହିଁ ଚାଷ
ନିଜ ଲାଭ କ୍ଷତି ତୁମେ ନିଜେ ବସି ଭାବ
ସମୂହ ଚାଷ ପାଇଁ ଟିକେ ମନେ ମନେ ହେଜ
ସରକାରେ ଯାଇ କୁହ, ତୁମେ ମିଳିଣ ଏକତ୍ର;
ଯନ୍ତ୍ରଯୁଗେ ଏହା ଅଟେ ମହାମନ୍ତ୍ର ।
ଶୁଣ ଶୁଣ ଭାଇ ଶୁଣ
କହେ ଗୁବୁରି ପ୍ରଧାନ ।

କୃଷିର ବିକାଶ ହେବ ନିଶ୍ଚେ ହେଲେ ଏକତ୍ରିତ
ଯୋଜନା ସାକାର ହେଲେ ତୁମେ ହେବ ଲାଭାନ୍ୱିତ
ସଫଳ ରୁପାୟନ କଥା ନିତି ନିତି ଭାବୁଥାଅ
ଅନୁଭୂତିରୁ ଆବିଷ୍କାର କର ହେ ନୂତନ କୌଶଳ
ତେବେ ଯାଇ ଉଦ୍ଧାର ହେବୁ ମାଟିପୁତ୍ର ।
ଶୁଣ ଶୁଣ ଭାଇ ଶୁଣ
କହେ ଗୁବୁରି ପ୍ରଧାନ ।

କୃଷିକୁ ଆସ କରିବା ଆମେ ଘରୋଇକରଣ
ଜମି ମାଲିକାନା ଆମେ ସର୍ବେ କମ୍ପାନୀକୁ ଦେବା
କମ୍ପାନୀ ଅଧିନେ ମିଳିମିଶି ଚାକିରୀ କରିବା
ଭଲ-ମନ୍ଦ, ହାନି-ଲାଭ ସବୁ କମ୍ପାନୀ ବୁଝିବ
କଲେ ଏହା ଖୋଲିଯିବ ଆମ ନେତ୍ର ।

Digitized by srujanika@gmail.com

ଶୁଣ ଶୁଣ ଭାଇ ଶୁଣ
କହେ ଗୁବୁରି ପ୍ରଧାନ ।
ଜମିବାଡ଼ି ଆଉ ଆଦୌ ରହିବନି ବଂଧା
ଜଳ-ବିଜୁଳି-ରାସ୍ତାର ହୋଇବ ବ୍ୟବସ୍ଥା
ଚାଷ ହେବ, ଧରିତ୍ରୀ ହସିବ, ଆମେ ପାଇଯିବା କାମ
କମ୍ପାନୀର କର୍ମଚାରୀଭାବେ କମାଇବା ମୋଟା ଧନ
ସୁଖ, ଶାନ୍ତି ଭୋଗିବେ ନିଶ୍ଚେ ତୋର ଜନ ।
ଶୁଣ ଶୁଣ ଭାଇ ଶୁଣ
କହେ ଗୁବୁରି ପ୍ରଧାନ ।
ବିକାଶର ଧାରା ଯଦି ଦେଖିବାକୁ ଭାଇ ଚାହଁ
ଏଣେତେଣେ ନବୁଲିଣ କମ୍ପାନୀକୁ ଆଣ
ମୂର୍ଖତା ଦେଖାଇ ଯାକୁ କରନା ବିରୋଧ
ନହେଲେ ଶୁଣିବ ଖାଲି ନେତାଙ୍କ ଭାଷଣ
ତୁମେ ବିକଶିଲେ ତାଙ୍କ ଯିବ ପ୍ରାଣ ।
ଶୁଣ ଶୁଣ ଭାଇ ଶୁଣ
କହେ ଗୁବୁରି ପ୍ରଧାନ ।
ଯାକୁ ତୁ କରିବୁ ଯେବେ ସମସ୍ୟା ଜିଣିବୁ ତେବେ
ଜମିଗଣ୍ଡଗୋଳ, କ୍ଷେତଚୋରି ହେବ ନାହିଁ କେବେ
ଘରେ ବସି ନିତି ତୁହି ଠିକାରେ କରିବୁ ବି କାମ
ବେକାର ବୁଲିବା ନିଶା ଛାଡ଼ିଯିବ ହାତେ ଥିଲେ ଧନ,
ଏବେ ହୁଅ ତୁମେ ଭାଇ ସାବଧାନ ।
ଶୁଣ ଶୁଣ ଭାଇ ଶୁଣ
କହେ ଗୁବୁରି ପ୍ରଧାନ ।
ହେଳା ନକରିଣ ତୁରନ୍ତ କମ୍ପାନୀ କ୍ଷେତକୁ ଆଣ
ହସୁ ଚାଷୀଭାଇ, ହସୁ ଏ ପୃଥିବୀ, ହସ ନବୀନ ସର୍କାର
ଶିଳ୍ପର ମାନ୍ୟତା କୃଷିକୁ ଦେଇ ଚୁକ୍ତି କରି ଚାଲୁଥାଅ
ତୁମ ହାତେ ଏହା ସଫଳ ହୋଇବ
ଶୁଣ ଶୁଣ ହେ ବିଜୁ ନନ୍ଦନ
କରେ ନିବେଦନ ଗୁବୁରି ପ୍ରଧାନ ।

Digitized by srujanika@gmail.com

ବଳଦେବ ବାରିକ

କୁହ ବର୍ବର ବଳଦେବ ତୁମେ
ବାନପ୍ରସ୍ଥ ନେଲ ନାହିଁ
ଜମିରେ ଯଦିବା ଲଢ଼ି ନପାରିବ
ହଳ ଛାଡ଼ି ଦେଲ ନାହିଁ
ଆତ୍ମହତ୍ୟା କଲ କାହିଁ ?

ଡୁଡୁକାର ବୀର ସୈନିକ ତୁମେ
ଥିଲ ବଲାଙ୍ଗୀର ରାଜା
କେଶରପାଲିରେ ଶବଟା ଜଳୁଛି
ହସୁଛନ୍ତି ଦେଖି ପ୍ରଜା ।

ଗହଗହ ଧାନ କ୍ଷେତରେ ଲାଗିଲା
ଯଦିବା ଲେଡ଼ା ଓ ଚକଡ଼ା ପୋକ
ବୁଦ୍ଧିମାନ ଚାଷୀ ହୋଇ ତୁମେ ତାକୁ
ସହଜେ କରିପାରିଲନି ବଧ ।

ଖରିଫ ଫସଲେ ହାରିଗଲ ଯଦି
ରବି ହୋଇଥାନ୍ତା ବାଗ
ହାନିଟା ଲାଭରେ ଭରି ଯାଇଥାନ୍ତା
ରଖିଲନି କାହିଁ ଧୈର୍ଯ୍ୟ ।

ବଣା କଲା ଯଦି ଋଣଭାର ତୋତେ
ଅନ୍ୟ ଉପାୟ ପାଇଲୁ ନାହିଁ
ବିକାକିଣା କରି ତାକୁ ଶୁଝିଥାନ୍ତୁ
କଦର୍ଯ୍ୟ କାମଟା କରିଲୁ କାହିଁ ?

Digitized by srujanika@gmail.com

କିଏ ଦେଲା ତୋତେ ଏ ବୁଦ୍ଧି କହତ
ଲଜ୍ୟା ତୋରେ ଲାଗୁନାହିଁ
ବିଷ ପିଇ ଦେଇ ଆତ୍ମହତ୍ୟା କଲୁ
ମହା ଅପରାଧ ଏହି ।

ତୋର ମୃତ୍ୟୁ ପରେ ତୋ ଛୋଟ ସଂସାର
କି କରିବେ ପିଲାଛୁଆ
ବଞ୍ଚିବେ କିପରି ଭାବିଲୁନି ଥରେ
ହେବ କେତେ କୁଆବୁଆ ?

ଛଖଣ୍ଡି ବାଉଁଶ ନଅଟା ଦଉଡ଼ି
ପୃଷ୍ଠେ ଶୋଇ ଗଲୁ ଚାଲି
ଫୁଟା ମାଠିଆର ପାଣିକୁ କଳିଲୁ
ପତ୍ନୀ ଶଙ୍ଖା ଦେଇ କାଢ଼ି ।

ଯିବା ଆସିବାଟା ଚାଲିଛି ଚାଲିବ
ଭଲ କଲୁ ଗଲୁ ଚାଲି
କି ଶିକ୍ଷା ଆମକୁ ଦେଇଗଲୁ କହ
ହେ ବଳଦେବ ବାରିକି ?

ବାରିକ ପୁଅଟା ବାଳକଟା ଛାଡ଼ି
କ୍ଷେତକୁ କାହିଁକି ଗଲ
କ୍ଷମତା ନଥିଲା ସହିବାକୁ କ୍ଷତି
ବୃଥା ହାନିମାନ ହେଲ ।

ବଳଦେବ ତୁମେ ପରାମର୍ଶ ଦିଅ
କି କରିବୁ ଆମେ ଚାଷୀ
ଆତ୍ମହତ୍ୟା ବିନୁ ଅନ୍ୟକିଛି ପନ୍ଥା
ଅଛି ଆମ ପାଇଁ କିଛି ବାକି ?

Digitized by srujanika@gmail.com

ଆଉ ଯେତେ ରହିଗଲ ଚାଷୀ

ଯିଏ ପଛେ ଯେତେ ଯାହା କହୁ
ନାହିଁ ମୋର ବେଳ ଶୁଣିବାକୁ
ଧରିଛି କଲମ ହାତେ
ଲେଖିବି ସବୁ ତୁରିତେ
ଦୁଃଖ କଷ୍ଟ ଅସୁବିଧା
ଆଗେ ବଢ଼ିବା ସୁବିଧା
ହୃଦର କଠୋର ଭାଷା
ହେଉ ପଛେ ଆତ୍ମହତ୍ୟା
କୁହ ତାହା ମନଖୋଲି
ଯିଏବା ଅଛ ଯେଉଁଠି
ଆଉ ଯେତେ ରହିଗଲ ଚାଷୀ ।

ଭଲ ଲାଗୁନାହିଁ ଜାଣିବାକୁ
ବାରମ୍ବାର ଚର୍ଚ୍ଚା କରିବାକୁ
ରାଜ୍ୟସାରା ଏ ଖବର
ଯେମିତି ହୁଏ ପ୍ରଚାର
ଦେଖିବାକୁ ମାଡେ ଲାଜ
ଚାଷୀଭାଇ ଟିକେ ହେଜ
ବିରୋଧୀଙ୍କୁ କାହିଁ ତେଜ
ମିଳିବ କି ତୁମ ନ୍ୟାର୍ଯ୍ୟ
ବିଧାନ ସଭାରେ ପଶି
ଚର୍ଚ୍ଚାରେ ଯିବେଟି ଭାଷି
ତୁମ କଥା ଲେଖିବିନି ବେଶି ।

ଭଲ ଲାଗେ ଯଦି ମରିବାକୁ
ମୁଁ ବା କିଏ ତୋରେ କହିବାକୁ
ଗତକାଲି ଜଡା ଚାଷୀ
ମଲା ସୁକାନ୍ତ ବଗର୍ତ୍ତି
ବୟସ ତା ବୟାଳିଶ
ବରଗଡ ଜିଲ୍ଲା ବାସ
ସମସ୍ୟା ଥିଲା ବହୁତ
ଖେତର ସେ ଶାନ୍ତି ଦୂତ
ଆତ୍ମହତ୍ୟା ସେ କରିଛି
ପରିବାରଙ୍କୁ ଠକିଛି
ପ୍ରତିକାର ତୁମେ କୁହ ଚାଷୀ ।

Digitized by srujanika@gmail.com

ନୂଆପଡା ପଲସୀପାଣିକୁ
ସୁରୁ ସିଂ ମଲା ଯାଅ ଦେଖିବାକୁ

ସଇଁତ୍ରିଶ ବର୍ଷ ଭେଣ୍ଡା   ଦେଖୁଦେଖୁ ହେଲା ମେଣ୍ଢା
ସିଆଲ ପାଲାର ଗ୍ରାମ   କଳାହାଣ୍ଡି ଜିଲ୍ଲା ନାମ
ଡମ୍ବରୁ ରଣାଟା ଥିଲା   ସେ ବି କାଲି ମରିଗଲା
ଚାଷୀଏ ଗଲେଣି ଭାସି   ରକ୍ଷାକର ପ୍ରଭୁ ଆସି
ଆତ୍ମହତ୍ୟା ବନ୍ଦ କର ଚାଷୀ ।

ମହେଶ୍ୱର ରୋହିଦାସ ଠିକୁ
ଫକୀର ପଟେଲ ଯେତେ ଭୁକୁ ।

ଫ୍ରାନ୍‌ସିସ୍ କୁଜୁର ଟା   ବୁଦ୍ଧିଟା ଅଟଇ ମୋଟା
ଜୀବନର ମିଠା ଖଟା   ହୋଇଗଲା ସଙ୍ଗାବଙ୍ଗା
ପିଲାଛୁଆ ସବୁଥାଇ   କି ଲାଭ ପାଇଲୁ ତୁହି
ଦେଖିଲନି ତୁମ୍ଭେ ଭାଇ   ମଥୁରା, ବୃନ୍ଦାବନ, କାଶୀ
ଆତ୍ମହତ୍ୟା କଲ କାହିଁ ଚାଷୀ ।

ସ୍ୱପ୍ନେ ନ ଦେଖିବି ମୁଁ ତୁମକୁ
ଆଉ ଯାଇ କୁହ ହେ କାହାକୁ ।

ମୋ କଥା ସାରିଲି ମୁହିଁ   ଦୋଷ ମୋର ଦେବନାହିଁ
ମୋଠିଁ ଯାହା ଥିଲା ଶକ୍ତି   ତୁମକୁ କରୁଛି ଭକ୍ତି
ଯେ କରିବେ ତାଙ୍କୁ କୁହ   ସପନେ ପ୍ରକଟ ହୁଅ
ନେତା, ମନ୍ତ୍ରୀ, ଅଧିକାରୀ   ଚାଷୀକୁଳ ହୀତକାରୀ
ନିବେଦନ କର ତାଙ୍କୁ ଚାଷୀ ।

Digitized by srujanika@gmail.com

ବିଧାୟକମାନେ କହନ୍ତୁ ଶୁଣ

ବିଧାନ ସଭାରେ ବିଧେୟକ ଆଣ
ବିଧାୟକମାନେ କହନ୍ତୁ ଶୁଣ
ଶ୍ରଦ୍ଧାଞ୍ଜଳି ଦେଇ ବସିପଡିଗଲେ
ମୃତ ଚାଷୀର କି ପୂରିବ ପେଟ
　　　　ମିଥ୍ୟାରେ କାହିଁକି କରୁଛ ନାଟ
　　　　ତୁମକୁ ଦେଇଛୁ ଆମେ ଭୋଅଟ ।

ସରକାର ସଙ୍ଗେ କରି କଥାବାର୍ତ୍ତା
ଆମ ପାଇଁ ତୁମେ ଉପାୟ ଚିନ୍ତ
ଆମ ସୁଖ ଦୁଃଖ ବିକାଶର କଥା
ନିରତେ କର ହେ ଆମରି ଚିନ୍ତା
　　　　ଚାଷୀ ପାଇଁ ନୀତି କର ତୁରୀତ
　　　　ଆମ ପେଟେ ତୁମେ ମାରନା ନାତ ।

କରିଲେ ବିଧାନସଭା ଅଚଳ
ମିଳିବ ନାହିଁ ଆମକୁ ସୁଫଳ
ମିଳିମିଶି ସବୁ ବସି ଏକତ୍ର
ନୂଆ ଯୋଜନାକୁ କର ଆଗତ
　　　　ବ୍ୟବସ୍ଥା କର ଆମ ପାଇଁ ଉଚିତ
　　　　ରହିବଟି ଆତ୍ମହତ୍ୟା ମହତ ।

ସାମ୍ବାଦିକ ଭାଇ ଦେଲ ସମ୍ବାଦ
ତୁମକୁ ଦେଉ ସ୍ୱର୍ଗୁ ଆର୍ଶୀବାଦ
କଲମର ସତ୍ୟ ପ୍ରମାଣ କଲ
ବାଚସ୍ପତିଙ୍କୁ ତ ଡରାଇ ଦେଲ
　　　　ବଞ୍ଚିବା ବିକଳ୍ପ ତୁମେଟି କୁହ
　　　　ପାଶେ ଯଦି ଅଛି ନୂଆ ଉପାୟ ।

ସବୁ ସ୍ତମ୍ଭ ମିଶି କର ହେ ଚର୍ଚ୍ଚା
କବିଙ୍କଠୁ ନିଅ ନୂତନ ବାର୍ତ୍ତା
ଗରମେ ନରମେ ସରମେ ଲଢ଼
ଚାଷୀ ମନକଥା ସରବେ ପଢ଼
　　　　ହୋଇବ ଆମର ରାଜ୍ୟ ଉନ୍ନତ
　　　　ହେ ଓଡ଼ିଆ ବୀରେ ରଖ ମାନମହତ ।

Digitized by srujanika@gmail.com

କବି ନାରାୟଣ ମୁଦୁଲିଙ୍କର ପ୍ରକାଶିତ ପୁସ୍ତକ

Digitized by srujanika@gmail.com

କବି ନାରାୟଣ ମୁଦୁଲି ହିନ୍ଦୀ ଏବଂ ଓଡ଼ିଆ ଭାଷାର କେବଳ ଜଣେ ସଫଳ କବି ନୁହଁନ୍ତି ବରଂ ଓଡ଼ିଆ ଭାଷା-ସାହିତ୍ୟ ଓ ସଂସ୍କୃତିର ଏକ ଅନନ୍ୟ ପୂଜାରୀ । ତାଙ୍କର ଲେଖନୀରୁ ଓଡ଼ିଆ ଓ ହିନ୍ଦୀ ଭାଷାରେ ପ୍ରକାଶିତ ୧୪ ଖଣ୍ଡ ପୁସ୍ତକ ଓଡ଼ିଆ ତଥା ଭାରତୀୟ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । ନିଜର ସ୍ୱତନ୍ତ୍ର ଶୈଳୀରେ ମାନବିକତାର କଥା ଲେଖିବାରେ କବି ସିଦ୍ଧହସ୍ତ । ସମାଜରେ ଦୈନନ୍ଦିନ ଘଟି ଚାଲିଥିବା ବ୍ୟତିକ୍ରମ ଗୁଡ଼ିକୁ କ୍ରମରେ ଆଣିବା, ଅସଜଡ଼ାକୁ ସଜାଡ଼ିବା, ଅବ୍ୟବସ୍ଥାକୁ ବ୍ୟବସ୍ଥିତ କରି ଏକ ନୂଆ ପରିବର୍ତ୍ତନର ଆହ୍ୱାନ ସହିତ ମାନବ ସମ୍ବଳର ସର୍ବାଙ୍ଗୀନ ବିକାଶ ସାଧନ କରିବା ହେଉଛି କବିଙ୍କ କୃତିତ୍ୱ ଗୁଡ଼ିକର ଆଭିମୁଖ୍ୟ ।

କବି ନାରାୟଣ ମୁଦୁଲି ମାଟି, ମାଆ ଓ ମାତୃଭାଷାକୁ ସମ୍ମାନ ଦେବା ସଂଗେ ସଂଗେ ମଣିଷର କଥା କବିତାରେ କହିବା ପାଇଁ ସର୍ବଦା ପସନ୍ଦ କରନ୍ତି । ହସିବା ଓ ହସେଇବାର କୌଶଳ, ବଞ୍ଚିବା ଏବଂ ବଞ୍ଚାଇବାର କଳା ତାଙ୍କର ପ୍ରତ୍ୟେକ କବିତାରେ ପ୍ରସ୍ଫୁଟିତ । ନୂତନ ଚିନ୍ତା ଓ ନୂତନ ଧାରାରେ ରଚିତ ତାଙ୍କର ସମସ୍ତ କବିତା ଯୁବ ସମାଜକୁ ନୂଆ କିଛି କରି ଦେଖାଇବାର ପ୍ରେରଣା ଯୋଗାଇଥାଏ, ଯାହାଦ୍ୱାରା ଯୁବ ସମାଜ ପ୍ରୋତ୍ସାହିତ ହେବାର ସୁଯୋଗ ପାଆନ୍ତି ।

କବି ତାଙ୍କର ସମସ୍ତ କବିତାରେ ତତ୍କାଳୀନ ସମସ୍ୟାଗୁଡ଼ିକର ଉଦ୍‌ଘାଟନ କରିବା ସହିତ ତା'ର ସ୍ଥାୟୀ ସମାଧାନର ମାର୍ଗ ଦେଖାଇବାର ପ୍ରୟାସ କରି ପାଠକମାନଙ୍କୁ ନୂତନବାର୍ତ୍ତା ପ୍ରଦାନ କରିବାର ଚେଷ୍ଟା କରିଚାଲିଛନ୍ତି । ହିନ୍ଦୀ ଓ ଓଡ଼ିଆରେ ଅପ୍ରକାଶିତ ୨୦ରୁ ଅଧିକ ପାଣ୍ଡୁଲିପି କବିଙ୍କର ଅନବଦ୍ୟ ସୃଷ୍ଟି । ପ୍ରବନ୍ଧ ଓ ଅନୁବାଦ ସାହିତ୍ୟର ବିକାଶ ସାଧନା କରିବା ତାଙ୍କର ଅନ୍ୟତମ ପ୍ରୟାସ । ମଣିଷ ପାଖରେ ରହି ମଣିଷର କଥା କହି ମଣିଷ ହେବାର ଯେଉଁ ସୁନିଲ ସ୍ୱପ୍ନ ସେ ଦେଖି ଚାଲିଛନ୍ତି, ତାହା ସାକାର ହେଉ, ଏତିକି ଭଗବାନଙ୍କ ପାଖରେ ପ୍ରାର୍ଥନା ।

- ପ୍ରକାଶକ

Digitized by srujanika@gmail.com